ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.251 Bhubaneswar Thursday November 16 2023 | ୨୬ତମ ବର୍ଷ | ସଂଖ୍ୟା-୨୫୧ ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୬, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

# ଅସନ୍ତୋଷ ଝାଡିଲେ ହାଇକୋର୍ଟ: କହିଲେ- ଆଉ ମହଲତ ଦେଇ ହେବନି



ଭୁବନେଶ୍ୱର,୧୫।୧୧(ପି.ଏନ):ବହୁତ ସମୟ ନେଲଣି। ମାର୍ଚ୍ଚ ଡେଡଲାଇନ୍? କେବେଠୁ ଗଲାଣି। ଆଉ ମହଲତ ଦେଇ ହେବନି। କାଲିଠୁ ଯୁଦ୍ଧକାଳୀନ ଭିତ୍ତିରେ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି କାମ ଆରମ୍ଭ କର। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା(ଇଏଓ)କୁ ଆଜି ଏଭଳି କଡା ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।ଯେହେତୁ ଏବେ କାର୍ତ୍ତିକ ମାସ ଚାଲିଛି ଓ ଭକ୍ତଙ୍କ ପ୍ରବଳ ଭିଡ ଲାଗିଛି, ତେଣୁ ଆଉ ମାସେ ମହଲତ ମାଗିଥିଲା ଏଏସଆଇ। ହେଲେ ଉଚ୍ଚ ନ୍ୟାୟାଳୟ ଅସନ୍ତୋଷ ଝାଡି ସିଧା ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ତା'ସହ କାଲିଠୁ କାମ ଆରମ୍ଭ କଲେ ଆମିକସକ୍ୟୁରୀ ତା'ର ତଦାରଖ କରି ପ୍ରତି ୧୫ ଦିନରେ କୋର୍ଟଙ୍କୁ ଷ୍ଟାଟସ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ମଧ ଦେଇଛନ୍ତି। ଅନ୍ୟପକ୍ଷରେ କୋର୍ଟଙ୍କ ନିର୍ଦ୍ଦେଶର ତୁରନ୍ତ ଅନୁପାଳନ ହେବ ବୋଲି କହିଛନ୍ତି ଏଏସଆଇ ସୁପରିଟେଣ୍ଡିଂ ଆର୍କିଓଲୋଜିଷ୍ଟ୍ ଡି.ବି ଗଡନାୟକ। ସେ କହିଛନ୍ତି, ଆବଶ୍ୟକ ସୁବିଧା ଯୋଗାଇବାକୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିଛୁ। ନାଟମଣ୍ଡପ ମରାମତି ସଂପୂର୍ଣ୍ଣ ପାଇଁ ନୈକି ୬ ଘଣ୍ଟା ଲେଖାଏଁ ୧୨୦ ଦିନ କାମ ଚାଲିବ।

## ଗଙ୍ଗୋତ୍ରୀ ଧାମର ଦ୍ୱାର ଶୀତକାଳୀନ ବନ୍ଦ

ଉତ୍ତରକାଶୀ, ୧୫।୧୧(ପି.ଏନ): ବିଶ୍ୱପ୍ରସିଦ୍ଧ ଶ୍ରୀଗଙ୍ଗୋତ୍ରୀ ଧାମର ଦ୍ୱାର ଶୀତକାଳୀନ ବନ୍ଦ କରାଯାଇଛି । ଅନ୍ନକୂଟର ପବିତ୍ର ପର୍ବ ଅବସରରେ ୧୧.୪୫ମିନିଟ ସମୟରେ ବୈଦିକ ମନ୍ତ୍ର ଉଚ୍ଚାରଣ ପୂଜା-ଅର୍ଚ୍ଚନା ସହିତ ବିଧିବିଧାନରେ ଏହି ଦ୍ୱାରକୁ ଶୀତକାଳ ପାଇଁ ବନ୍ଦ କରାଯାଇଛି ।ଉତ୍ତରାଖଣ୍ଡର ଚାରି ଧାମ ମଧ୍ୟରୁ ଶ୍ରୀ ଗଙ୍ଗୋତ୍ରୀ ଧାମ ଅନ୍ୟତମ ।ତେବେ ଏହି ଶୀତକାଳ ବନ୍ଦ ପୂର୍ବରୁ ହଜାର ହଜାର ଶ୍ରଦ୍ଧାଳୁ ମାଆ ଗଙ୍ଗାଙ୍କ ଦର୍ଶନ କରିଥିଲେ । ଏହାପରେ ମାଆ ଗଙ୍ଗାଙ୍କ ଉତ୍ସବ ସବାରୀ ବିରାଟ ସମାରୋହରେ ମୁଖବା ଗାଁକୁ ବାହାରିଥିଲେ । ମାଆ ଚଣ୍ଡି ଦେବୀଙ୍କ ମନ୍ଦିରରେ ଆଜି ମାଆ ଗଙ୍ଗା ରାତ୍ରୀ ବିଶ୍ରାମ କରିବେ ।କାଲି ମାଆ ଗଙ୍ଗାଙ୍କ ସବାରୀ ଭାଇ ଦୁଜ ବ୍ରତରେ ତାଙ୍କ ବାପଘର ମୁଖବାରେ ପହଂଚିବ। ଶୀତକାଳରେ ମାଆ ଗଙ୍ଗାଙ୍କ ଶୀତକାଳୀନ ପ୍ରବାସ ମୁଖବା ସ୍ଥିତ ଗଙ୍ଗା ମନ୍ଦିରରେ ପୂଜାର୍ଚ୍ଚନା କରାଯିବ ।ଏହି ଯାତ୍ରା ବର୍ଷରେ ୯ଲକ୍ଷ ୯୮ହଜାରରୁ ଅଧିକ ଭକ୍ତ ମାଆ ଗଙ୍ଗାଙ୍କ ଦର୍ଶନ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି, ହଠାତ୍ କାର୍ ଆଗକୁ ଡେଇଁଲେ ମହିଳା



ନୂଆଦିଲ୍ଲୀ,୧୫।୧୧(ପିଏନ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷାରେ ବଡ ତ୍ରୁଟି। ତାଙ୍କ କାର୍ ଆଗକୁ ହଠାତ୍ ଜଣେ ମହିଳା ଡେଇଁ ପଡିଛନ୍ତି। ତେବେ ଦୁର୍ଘଟଣା ଘଟିବା ପୂର୍ବରୁ ବ୍ରେକ୍ ମାରି କାର୍‌କୁ ଅଟକାଇଛନ୍ତି ଚାଳକ। ତୁରନ୍ତୁ ଉକ୍ତ ମହିଳାଙ୍କୁ ଅଟକ ରଖାଯାଇଛି। ପୁଲିସ ତାଙ୍କୁ ପଚାରଉଚରା ଜାରି ରଖିଛି। ବୁଧବାର ରାଞ୍ଚିରେ ଏହି ଘଟଣା ଘଟିଛି ।ବୁଧବାର ସକାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଞ୍ଚିରେ ତିଆରି ହୋଇଥିବା ବିର୍ସା ମେମୋରିଆଲ ପାଖକୁ ଯାଉଥିଲେ। ଏତିକି ବେଳେ ଏସ୍ଏସ୍ପି ବାସଭବନ ଆଖରେ ଥିବା ରେଡିୟମ୍ ରୋଡ୍‌ରେ ମୋଦିଙ୍କ କାର୍ ଆଗକୁ ହଠାତ୍ ଜଣେ ମହିଳା ଦୌଡି ଚାଲି ଆସିଥିଲେ।

## ଯୋଡ଼ିମାଦେଲି ଘାଟି ତଳକୁ ଖସି ପଡିଲା କାର୍

କୋରାପୁଟ,୧୫।୧୧(ପି.ଏନ): କୋରାପୁଟ ଜିଲ୍ଲା ପଟାଙ୍ଗୀ ବ୍ଲକ ଯୋଡ଼ିମାଦେଲି ଘାଟିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିବାର ସୂଚନା ମିଳିଛି। ଏଠାରେ ଘାଟି ତଳକୁ କାର୍ ଖସି ପଡିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କାର୍‌ଟି ଛତିଶଗଡ଼ରୁ ଆନ୍ଧ୍ର ଅଭିମୁଖେ ଯାଉଥିଲା ବୋଲି ଜଣାପଡିଛି। ପ୍ରାଥମିକ ସୂଚନା ଅନୁଯାୟୀ ଉକ୍ତ କାରରେ ଶାଶୂ, ଶ୍ୱଶୁର, ଝିଅ ଓ ଜ୍ୱାଇଁଥିଲେ। ସେମାନେ କୋରାପୁଟରୁ ରାୟପୁର ଯାଉଥିଲେ। କୌଣସି କାରଣରୁ କାରଟି ଭାରସାମ୍ୟ ହରାଇ ଘାଟି ତଳକୁ ଖସିପଡିଥିଲା।

## ପ୍ରଧାନମନ୍ତ୍ରୀଙ୍କ ରାଂଚି ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡାକଡି

ରାଂଚି, ୧୫।୧୧(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୁଇଦିନିଆ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ବିଭିନ୍ନ ସ୍ଥାନରେ ପୋଲିସ ଛାଉଣୀ କରାଯାଇଛି । ରାଂଚିରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ୪୫୪୨ ପୋଲିସ ଅଧିକାରୀ ଓ ଯବାନଙ୍କୁ ମୁତୟନ କରାଯାଇଛି । ଏଥିରେ ୧୦ ଆଇପିଏସ, ୨୨ ଡିଏସପି, ୬୦ ଇନସପେକ୍ଟର ଓ ୪୫୦ ଦାରୋଗାଙ୍କ ସହିତ ୪୦୦୦ ଅତିରିକ୍ତ ଯବାନ ସାମିଲ ଅଛନ୍ତି । ରାଂଚିରେ ପୂରା ସୁରକ୍ଷାର ମନିଟରିଂ ଏସଏସପି ଚନ୍ଦନ କୁମାର ସିହ୍ନା କରୁଛନ୍ତି ।ଖୁଣ୍ଟିରେ ୨୮୧୫ ପୋଲିସ ଅଫିସର ଓ ଯବାନ ମୁତୟନ କରାଯାଇଛି । ଏମାନେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ପୋଲିସ ବାହିନୀର ୭୧ ପୋଲିସ ଇନସପେକ୍ଟର, ୪୪୦ ଏଏସଆଇ ଓ ଓଭର ନିରୀକ୍ଷକ, ୩ଶହ ସଶସ୍ତ୍ର ବଳ, ୧୫୬୯ ଲାଠିବଳ ଓ ୪୩୫ ମହିଳା ସିପାହୀ ସାମିଲ ।

## ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୧୧(ପି.ଏନ): ନୂଆଦିଲ୍ଲୀସ୍ଥିତ ପ୍ରଗତି ମଇଦାନରେ ମଙ୍ଗଳବାର ୪୨ତମ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା ଆରମ୍ଭ ହୋଇଛି। ମେଳା ପରିସରରେ ଓଡ଼ିଶା ପାଭିଲିୟନକୁ ଓଡ଼ିଶା ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ବାଣିଜ୍ୟ ମନ୍ତ୍ରାଳୟ ଅଧୀନସ୍ଥ ଆଇଟିପିଓ ପକ୍ଷରୁ ଦିଲ୍ଲୀରେ ପ୍ରତିବର୍ଷ ଆନ୍ତର୍ଜାତିକ ବାଣିଜ୍ୟ ମେଳା ଆୟୋଜିତ ହେଉଛି। ଚଳିତ ବର୍ଷ ମେଳାର ଥିମ୍ 'ବସୁଧୈବ କୁଟୁମ୍ବକମ୍: ୟୁନାଇଟେଡ୍ ବାଇ ଟ୍ରେଡ୍' ରହିଥିବାବେଳେ ଓଡ଼ିଶା ପାଭିଲିୟନ୍ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ବୈଭବକୁ ନେଇ ଅଂଶଗ୍ରହଣ କରିଛି। ପ୍ରାଚୀନ କାଳରୁ ଓଡ଼ିଶା ନିଜର ମହାନ୍ ନୌବାଣିଜ୍ୟ ପରମ୍ପରା ମାଧ୍ୟମରେ ଉତ୍କଳର ସାଂସ୍କୃତିକ ବିଭବକୁ ବିଭିନ୍ନ ଦେଶକୁ ପ୍ରସାରିତ କରିଥିଲା। ଏହି ମେଳାରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାର ଜୀବନ୍ତ ଝଲକ ପ୍ରଦର୍ଶିତ ହୋଇଛି ।ଓଡ଼ିଶା ପାଭିଲିୟନ୍‌ରେ ରାଜ୍ୟର ୭ଟି ବିଭାଗର ୨୪ଟି ଷ୍ଟଲ୍ ରହିଛି। ମିଲେଟ୍ ଉତ୍ପାଦ ଓ କୋରାପୁଟର କଫିରେ ମହକୁଥିବା ପାଭିଲିୟନକୁ ସୁନ୍ଦରତା ପ୍ରଦାନ କରୁଛି କୋଟପାଡ୍ ଶାଢ଼ି ଓ ଟସର ସିଲ୍କ ଶାଢ଼ି। କାଠ ତଥା ପ୍ରସ୍ତର ତିଆରି ମୂର୍ତ୍ତି, ପଟ୍ଟଚିତ୍ର, ସବାଇ ଘାସ ତିଆରି ସାଜସଜ୍ଜା, ଚାନ୍ଦୁଆ, ତାରକସି ତଥା ଭଳିକି ଭଳି ହସ୍ତଶିଳ୍ପ ସାମଗ୍ରୀରେ ଓଡ଼ିଶା ପାଭିଲିୟନ୍ ଝଲସୁଛି। ଏହାଛଡ଼ା ଆଦିମ ଜନଜାତି ଗୋଷ୍ଠୀର ଦୁଇଟି ଦଳ ଦ୍ୱାରା ହସ୍ତଶିଳ୍ପର ନୈପୁଣ୍ୟ ପ୍ରଦର୍ଶନ ଆକର୍ଷଣର କେନ୍ଦ୍ର ପାଲଟିଛି। ପାଭିଲିୟନ ମଧ୍ୟଭାଗରେ ପ୍ରଦର୍ଶିତ ହୋଇଛି ଏକ ବିଶାଳ ବୋଇତ ।ଏଥିରେ ବାନ୍ଧ ଶିଳ୍ପ, ପଥର ମୂର୍ତ୍ତି କାରିଗରି, ପଟ୍ଟଚିତ୍ର ଅଙ୍କନ, ବର୍ଜ୍ୟ କାଗଜରୁ ସାଜସଜ୍ଜା ସାମଗ୍ରୀ ଆଦି ପ୍ରସ୍ତୁତିରଲାଇଭ୍ ଡେମୋ ପ୍ରଦର୍ଶନ କରାଯାଇଛି। ପାଭିଲିୟନ୍‌ର ବାହାର ପଟ ପ୍ରବେଶ ଦ୍ୱାରରେ ସ୍ଥାନିତ ହୋଇଛି ଦୁଇଟି କୋଣାର୍କ ଚକ୍ର। ଓଡ଼ିଶାର ମହାନ୍ ଐତିହ୍ୟ ଓ ସଂସ୍କୃତିର ପ୍ରତିଛବିକୁ ପ୍ରଦର୍ଶିତ କରୁଥିବା ଏହି କୋଣାର୍କ ଚକ୍ର ଦ୍ୱୟ ମେଳାକୁ ଆଗମନ କରୁଥିବା ଦେଶ ବିଦେଶର ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରୁଛି। ଏହି ଅବସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ଆବାସିକ ଆୟୁକ୍ତ ରବିକାନ୍ତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଓରମାସ୍ ସିଇଓ ଗୁହା ପୁନମ୍ ତାପସ୍ କୁମାର, ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କୃଷ୍ଣ ସାହୁ, ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟଙ୍କ ସମେତ ଓଡ଼ିଶା ସରକାରଙ୍କ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ। ଦିଲ୍ଲୀରେ ରହୁଥିବା ପ୍ରବାସୀ ଓଡ଼ିଆ ଭଉଣୀ ଭାଇମାନେ ଓଡ଼ିଶା ପାଭିଲିୟନ୍ ଆସିବା ପାଇଁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

## ଓଡ଼ିଶାରେ ପିଏମ୍‌ଶ୍ରୀ ସ୍କୁଲ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣି ପତ୍ର ଲେଖିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର.୧୫।୧୧(ପିଏନ):ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ ଦୁଇ ଦୁଇ ଥର ପତ୍ର ଲେଖାଯିବା ପରେ ମଧ ଓଡ଼ିଶା ସରକାର ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସଇଏଲ) ସହ ବୁଝାମଣା ପତ୍ର ସ୍ୱାକ୍ଷରିତ(ଏମୟଓୁ) କରିନାହାନ୍ତି। ଏହି ମର୍ମରେ କେନ୍ଦ୍ର ଶିକ୍ଷା,ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତୃତୀୟ ଥର ପାଇଁ ପତ୍ର ଲେଖି ରାଜ୍ୟରେ ପିଏମ ଶ୍ରୀ ଯୋଜନା ଲାଗୁ କରିବା ତଥା ଏମଓୟୁ ସ୍ୱାକ୍ଷରିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ସମଗ୍ର ଦେଶରେ ୧୪ ହଜାର ୫୦୦ରୁ ଅଧିକ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ(ପିଏମ ଶ୍ରୀ ସ୍କୁଲ) ପ୍ରତିଷ୍ଠାର ଲକ୍ଷ୍ୟ ନେଇ ୨୦୨୨ ସେପ୍‌ଟେମ୍ବର ୭ରେ ପିଏମ ଶ୍ରୀ ଯୋଜନାର ଶୁଭାରମ୍ଭ ହୋଇଥିଲା। ଏହି ସ୍କୁଲ ଗୁଡିକ ଜାତୀୟ ଶିକ୍ଷା ନୀତିର ପୂର୍ଣ୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ। ଏହା ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବରେ କାର୍ଯ୍ୟ କରିବ। ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସହ ଓଏମୟୁ ସ୍ୱାକ୍ଷର କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଅନୁରୋଧ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଏହି ଏମଓୟୁ ସ୍ୱାକ୍ଷରିତ କରିସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଚୟନ ସମ୍ପୂର୍ଣ୍ଣ ହୋଇସାରିଛି । ପିଏମ ଶ୍ରୀ ସ୍କୁଲ ଯୋଜନାର କ୍ରିୟାନ୍ୱୟନ ପାଇଁ ପ୍ରଥମ କିସ୍ତି ମଧ ଜାରି ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ପିଏମ ଶ୍ରୀ ସ୍କୁଲ ପାଇଁ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ଓଡ଼ିଶା ଏପର୍ଯ୍ୟନ୍ତ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ କରିନାହିଁ। ଏଥିପାଇଁ ପୂର୍ବରୁ ଗତ ଅକ୍ଟୋବର ୯ ଏବଂ ମାର୍ଚ୍ଚ ୧୩ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରାଯିବା ସତ୍ତ୍ୱେ ଏମଓୟୁ ସ୍ୱାକ୍ଷରିତ ହୋଇନାହିଁ ।

## ୨୫୦ ମିଟରର ତଳକୁ ଖସିଲା ବସ୍; ୩୬ ମୃତ, ୨୫ରୁ ଅଧିକ ଆହତ



ନୂଆଦିଲ୍ଲୀ,୧୫।୧୧(ପି.ଏନ): ଜମ୍ମୁ-କଶ୍ମୀରରେ ଆଜି ଏକ ଭୟଙ୍କର ସଡକ ଦୁର୍ଘଟଣା ଘଟିଛି। ପ୍ରାୟ ୨୫୦ ମିଟର ତଳକୁ ଏକ ଯାତ୍ରୀବାହୀ ବସ୍ ଖସିଯିବାରୁ ପ୍ରାୟ ୩୬ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଏହି ଦୁର୍ଘଟଣାରେ ୨୫ରୁ ଅଧିକ ଆହତ ହୋଇଥିବା ବେଳେ ୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।ଜମ୍ମୁ- କଶ୍ମୀରର କିଶତୱାଡରୁ ଜମ୍ମୁ ଅଭିମୁଖେ ଯାଉଥିବା ବସ୍ ? ଆଜି ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ବସ୍ ?ଟି ଡୋଡା ଜିଲ୍ଲାର ଡୁଙ୍ଗଲ ଅଞ୍ଚଳ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ପ୍ରାୟ ୨୫୦ ମିଟର ଖାଇକୁ ଖସି ପଡିଥିଲା।

## ମିଆଁମାରର ୩୯ ସୈନିକଙ୍କୁ ଗିରଫ କଲା ମିଜୋରାମ ପୋଲିସ

ଆଇଜଲ, ୧୫।୧୧(ପି.ଏନ): ମିଆଁମାରରେ ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟରେ ମିଜୋରାମ ପୋଲିସ ମିଆଁମାରର ୩୯ ଯବାନଙ୍କୁ ଗିରଫ କରିଛି । ପିପୁଲ୍ସ ଡିଫେନ୍ସ ଫୋର୍ସ ଦ୍ୱାରା ପିଛା କରାଯିବା ପରେ ମିଆଁମାର ସୀମାକୁ ଅବୈଧ ରୂପେ ପାର୍ କରିବା ଅଭିଯୋଗରେ ସେମାନଙ୍କୁ ମିଜୋରାମ ପୋଲିସ ଗିରଫ କରି ଜୋଖାଓ୍ୱଥାର ପୋଲିସ ଷ୍ଟେସନ ପଠାଇ ଦେଇଛି ।ସୂଚନା ମୁତାବକ, ମିଆଁମାରର ଦୁଇଟି ସୈନ୍ୟ ଶିବିରରେ ପ୍ରାୟ ୬୦-୬୦ ସୈନ୍ୟ ଥିଏ । ପିଡିଏଫ ମିଆଁମାର ସେନାର ଅଧିକାଂଶ ସୈନ୍ୟଙ୍କୁ ମାରି ଦେଇଛି ।

## ଅବପାତରେ ପରିଣତ ହେଲା ଲଘୁଚାପ

ଭୁବନେଶ୍ୱର,୧୫।୧୧(ପି.ଏନ): ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସୁଦୃଶ୍ୟ ଲଘୁଚାପ କ୍ଷେତ୍ରଟି ଆଜି ଅବପାତରେ ପରିଣତ ହୋଇଛି। ଏହା କ୍ରମେ ଘନୀଭୂତ ହୋଇ ଗଭୀର ଅବପାତ ରୂପ ନେଇପାରେ। ଏହା ପ୍ରଭାବରେ ରାଜ୍ୟରେ ଆଜିଠୁ ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହେ ସୂଚନା ଦିଆଯାଇଛି। ଭୁବନେଶ୍ୱର ଆଜି ସକାଳୁ ହିଁ ଆକାଶ ମେଘାଚ୍ଛନ୍ନ ରହିଥିବା ଜଣାପଡିଛି ।ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଅବପାତଟି କ୍ରମେ ଘନୀଭୂତ ହୋଇ ୧୬ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳରେ ପହଞ୍ଚି ଏହା ଗଭୀର ଅବପାତର ରୂପ ନେବ। ପରେ ଧୀରେ ଧୀରେ ଏହାର ଗତିପଥ ବଦଳିବ ଓ ଏହା ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତି କରି ଉତ୍ତର ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଓଡ଼ିଶା ଉପକୂଳ ମୁହାଁ ହେବ। ଏହା ପ୍ରବାହରେ ଆଜି ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ଜଗତସିଂହପୁର ଓ ପୁରୀ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ।ସେହିପରି ୧୬ ତାରିଖରେ ବର୍ଷାର ମାତ୍ରା ସର୍ବାଧିକ ରହିବ। ୧୬ ତାରିଖରେ ୩ ଜିଲ୍ଲା- ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ପାର୍ଶ୍ୱବର୍ତ୍ତୀ ଜିଲ୍ଲା- କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଯାଜପୁର, ବାଲେଶ୍ୱର ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ (୭ରୁ ୧୧ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ମିଳିନି ବିଜୁ ପକ୍କାଘର, ହେଲେ ମରାମତି ପାଇଁ ଆସିଛି ୩୦୦୦ ଟଙ୍କା



ଭୁବନେଶ୍ୱର,୧୫।୧୧(ପି.ଏନ): ବିଜୁ ପକ୍କାଘର ଯୋଜନାରେ ହିତାଧିକାରୀଙ୍କୁ ମିଳିନି ଘର। ହେଲେ ମରାମତି ପାଇଁ ଆସିଛି ୩୦୦୦ ଟଙ୍କା। ଏପରି ଅଭିଯୋଗ ଆସିଛି କେନ୍ଦ୍ରାପଡା ଜିଲ୍ଲାରୁ। ହିତାଧିକାରୀ ଏନେଇ ବ୍ଲକ ଅଫିସ୍ ?ରେ ଅଭିଯୋଗ କଲେ ମଧ ଚୁପ୍ ? ବସିଛନ୍ତି ବିଡିଓ ।ଆଳି ବ୍ଲକ୍ ? ଆଳସରପୁର ଗାଁର ଦୁର୍ଯ୍ୟୋଧନ ନାୟକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିଲା ୩୦୦୦ ଟଙ୍କା। ସେହି ଟଙ୍କା କେଉଁଠୁ ଆସିଥିଲା? କିଏ ସେହି ଟଙ୍କା ଦେଇଥିଲେ? ସେ ସମ୍ପର୍କରେ ବୁଝିବା ପାଇଁ ବ୍ୟାଙ୍କ ଯାଇଥିଲେ ଦୁର୍ଯ୍ୟୋଧନ। ବୁଝାବୁଝି କରିବା ପରେ ବ୍ଲକରୁ ଟଙ୍କା ଆସିଥିବା ଜାଣିବାକୁ ପାଇଥିଲେ। ତା'ପରେ ସେ ଆଳି ବ୍ଲକ ଅଫିସ୍ ? ଯାଇଥିଲେ। ସେଠାରେ ବୁଝିବା ପରେ ବିଜୁ ପକ୍କାଘର ଯୋଜନାରେ ଘରର ମରାମତି ପାଇଁ ଆସିଛି ୩୦୦୦ ଟଙ୍କା।

## ହୁତୁହୁତୁ ହୋଇ ଜଳିଗଲା ସୁପରଫାଷ୍ଟ ଏକ୍ସପ୍ରେସ, କୋଚ୍‌ରୁ ଡେଇଁ ପଡିଲେ ଯାତ୍ରୀ



ନୂଆଦିଲ୍ଲୀ,୧୫।୧୧(ପି.ଏନ): ନୂଆଦିଲ୍ଲୀ-ଦରଭଙ୍ଗା ସୁପରଫାଷ୍ଟ ଏକ୍ସପ୍ରେସରେ ଲାଗିଛି ଭୟଙ୍କର ନିଆଁ। ହୁତୁହୁତୁ ହୋଇ ଜଳି ଯାଇଛି ସୁପରଫାଷ୍ଟ ଏକ୍ସପ୍ରେସର ଗୋଟିଏ ଯାତ୍ରୀବାହୀ ବଗି। ନଆଁର ଆଁରେ ବଗିଟି ସଂପୂର୍ଣ୍ଣ ଭାବେ ଜଳି ଯାଇଥିଲେ ହେଁ ଏହା ମଧ୍ୟରେ ଥିବା ଯାତ୍ରୀମାନେ ତଳକୁ ଡେଇଁ ପଡିଥିଲେ। ଫଳରେ ଅଗ୍ନିକାଣ୍ଡ ଯୋଗୁ କେହି ବି ମୃତାହତ ହୋଇନାହାନ୍ତି ।ଜଣେ ରେଳ ଅଧିକାରୀଙ୍କ କହିବା କଥା ଯେ ସୁପରଫାଷ୍ଟ ଏକ୍ସପ୍ରେର ଗୋଟିଏ ବଗି ଉତ୍ତର ପ୍ରଦେଶର ଇଟାଓ୍ୱା ଠାରେ ଜଳି ଯାଇଛି। ଟ୍ରେନଟି ସରାଇ ଭୂପାଟ ଷ୍ଟେସନ ଅତିକ୍ରମ କରୁଥିବା ବେଳେ ଗୋଟିଏ ସ୍ଲିପର କୋଚ୍‌ରୁ ଧୂଆଁ ବାହାରୁ ଥିବା ଦେଖିବାକୁ ମିଳିଥିଲା।

## ସିଲକ୍ୟାରା ସୁଡଙ୍ଗରେ ଫସିରହିଛନ୍ତି ଶ୍ରମିକ, ଚିନ୍ତା ବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଉତ୍ତରକାଶୀ,୧୫।୧୧(ପି.ଏନ): ଉତ୍ତରାଖଣ୍ଡ ସିଲକ୍ୟାରା ସୁଡଙ୍ଗରେ ଫସିରହିଛନ୍ତି ୪୦ରୁ ଅଧିକ ଲୋକ । ଯାହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରେସକ୍ୟୁ ଅପରେସନ ଉପରେ ନିୟମିତ ନଜର ରଖିଛନ୍ତି ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀ ମୋଦି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀଙ୍କ ସହ ଏନେଇ ଫୋନ ଯୋଗେ କଥା ହୋଇଛନ୍ତି ।କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ ଏନେଇ ଆଲୋଚନା କରିଛନ୍ତି । ଉଦ୍ଧାର କାର୍ଯ୍ୟ ନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି ।ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଘଟଣାସ୍ଥଳ ଅନୁଧ୍ୟାନ କରିଛନ୍ତି ।ବଡ ବ୍ୟାସ ବିଶିଷ୍ଟ ହ୍ୟୁମ ପାଇପ ହରିଦ୍ୱାର ଓ ଡେରାଡୁନରୁ ପଠାଇବାର ବ୍ୟବସ୍ଥା କରାଯାଇଛି । ସୁଡଙ୍ଗରେ ଫସିଥିବା ସମସ୍ତ ଶ୍ରମିକ ସୁରକ୍ଷିତ ଅଛନ୍ତି । ସେମାନଙ୍କୁ ଖୁବ ଶୀଘ୍ର ବାହାର କରିବା ପାଇଁ ବ୍ୟବସ୍ଥା କରାଯାଉଛି ।ସିଲକ୍ୟାରା ସୁଡଙ୍ଗରେ ୪୮ ଘଣ୍ଟା ଧରି ଫସିରହିଛନ୍ତି ୪୦ରୁ ଅଧିକ ଶ୍ରମିକ ।ସେମାନଙ୍କୁ ବାହାର କରିବା ପାଇଁ ପ୍ଲାନ ଏ,ବି, ସି ପ୍ରସ୍ତୁତ କରାଯାଇଛି ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଆଜିର ଭାଗ୍ୟ



**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।



**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।



**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।



**କର୍କଟ** ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।



**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।



**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।



**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।



**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।



**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।



**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।



**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।



**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଚିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# କାର୍ତ୍ତିକ ମାହାତ୍ମ୍ୟ: ଦୀପଦାନ



**ମା**ସମାନଙ୍କ ମଧ୍ୟରେ କାର୍ତ୍ତିକ ଧର୍ମମାସ। ଏହି ମାସରେ କାର୍ତ୍ତିକବ୍ରତ ପାଳନ କରାଯାଏ। ଏହା ମୁଖ୍ୟତଃ ବିଷ୍ଣୁପୂଜା ଅଟେ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ସେମାନଙ୍କୁ ବ୍ରତଚାରୀ ବା ହବିଷ୍ୟାଳୀ (ସ୍ତ୍ରୀ ଲିଙ୍ଗରେ) କୁହନ୍ତି। 'ହବି' କହିଲେ ଘୃତ। ହବିଷ୍ୟାଳୀମାନେ ଏହି ବ୍ରତରେ ଘୃତ ମିଶ୍ରିତ ଅରୁଆ ଅନ୍ନ ଏକ ବେଳିକିଆ ଖାଆନ୍ତି। ଘୃତ ମିଶ୍ରିତ ଅନ୍ନକୁ ହବିଷ୍ୟାନ୍ନ କୁହନ୍ତି। ହବିଷ୍ୟାନ୍ନରୁ ହବିଷ କଥାକୁ ବୁଝାଏ ଏବଂ ତହିଁରୁ ହବିଷ୍ୟାଳୀ ବା ବ୍ରତକାରୀ ବୋଲି ଏମାନଙ୍କୁ କୁହାଯାଏ। ଏହି ବ୍ରତକୁ ସବୁ ଜାତିର ଏବଂ ଉଭୟ ସ୍ତ୍ରୀ ପୁରୁଷ କରିପାରିବେ।

ଏହି ହବିଷ୍ୟାଳୀମାନଙ୍କର କାର୍ତ୍ତିକ ମାସସାରା ଏକ ନିତିଦିନିଆ ନିୟମ ଭିତ୍ତିକ କାର୍ଯ୍ୟଥାଏ। ପ୍ରାତଃରୁ ସ୍ନାନ କରି ସେମାନେ ସୂର୍ଯ୍ୟଙ୍କୁ ନମସ୍କାର ଓ ଜଳପ୍ରଦାନ କରନ୍ତି। ତହିଁପରେ କ୍ରମାନ୍ୱୟରେ ଦେବଦର୍ଶନ, ବର, ଓସ୍ତ, ନିମ୍ବ, ଅଁଳା, ମାଳତୀ, ପଳାଶ ଆଦିଙ୍କୁ ଜଳଦାନ ପୂର୍ବକ ପୂଜନ, ଦୀପଦାନ ଇତ୍ୟାଦି କାର୍ଯ୍ୟ କରିଥାନ୍ତି। ଏଥିଅନ୍ତେ ତୁଳସୀ ଚଉରା ମୂଳକୁ ଆସି ତା' ଚାରି ପଟେ ଗୋବରରେ ଲିପନ୍ତି; ପଞ୍ଚ ମୁରୁଜ ଦେଇ ଦେବତାମାନଙ୍କର ଚିତ୍ର ଆଙ୍କନ୍ତି; ଧୂପ, ଦୀପ, ପୁଷ୍ପ ଦେଇ ବିଷ୍ଣୁଙ୍କୁ ଆହ୍ୱାନ ପୂର୍ବକ ତୁଳସୀଙ୍କୁ ପୂଜା କରନ୍ତି। ତୁଳସୀ ଚଉରା ଚାରିପଟେ ତୁଳସୀ ଓ ବିଷ୍ଣୁଙ୍କ ସ୍ତୁତିଗାନ କରି ଗୀତ ଓ କରତାଳି ବଜାଇ ବୁଲନ୍ତି। ତହିଁ ଉତ୍ତାରୁ ଶୁଖିଲା ଭୋଗରାଗ ବାଢ଼ି ସମର୍ପଣ କରନ୍ତି। ଏହାପରେ କାର୍ତ୍ତିକ ମାହାତ୍ମ୍ୟ, ବିଷ୍ଣୁ ପୁରାଣ କିମ୍ବା ରାଧାମାଧବ ଅଷ୍ଟକ ଇତ୍ୟାଦି ପଢ଼ନ୍ତି ବା ଶୁଣନ୍ତି।

ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ଏକ ବକତକିଆ ଭୋଜନସାରନ୍ତି। ଶୁଦ୍ଧ ପାତ୍ରରେ ରୋଷେଇ ହୁଏ। ସେଥିରୁ ୩/୪ଟି ବେଲ ପତ୍ର ଦେଇ ଠାକୁରଙ୍କୁ ସମର୍ପଣ କରାଯାଏ। ଏହାପରେ ନିରୋଳା ଓ ନିର୍ବଚନରେ ଭକ୍ଷଣ କରନ୍ତି। କିନ୍ତୁ ଅଁଳା ନବମୀଦିନ ଅଁଳା ଠାରୁ ଭୋଜନ କରନ୍ତି। ତୁଳସୀ ଚଉରାମୂଳେ ଭୋଗରେ ଖଇ, କଦଳୀ, ଚାଉଳିଆ, କମଳା ଓ ବଡ଼ିଆଳ ଇତ୍ୟାଦି ଯେମିତି ଭୋଗ ହୁଏ, ସେମିତି ଅନ୍ନ ଭୋଜନକୁ ତରକାରୀ ପାଇଁ ସାରୁ, ବନ୍ତଳ କଦଳୀ, ମୁଗଡାଲି, ମାଟିଆଳୁ, ଓଉ, ଅଦା, ନଡ଼ିଆ



ଇତ୍ୟାଦି ଦରକାର ହୁଏ। ଶାସ୍ତ୍ରମତେ ଯାହାଯାହା ନିଷେଧ ହୋଇଛି ବିଶେଷକରି ଆମିଷ, ସହବାସ, କୋମଳ ଶଯ୍ୟା ଏବଂ ଆଉ ଯାହାକିଛି ତାକୁ ଛାଡ଼ିବାକୁ ହୁଏ ଏବଂ କାର୍ତ୍ତିକବାସି ଛାଡ଼କୁ ଖିଆଯାଏ ବୋଲି ତାକୁ ଛାଡ଼ଖାଇ କୁହନ୍ତି।

ହବିଷ୍ୟାଳୀମାନେ ସଂନ୍ଧ୍ୟାରେ ଆକାଶ ଦୀପ ଜାଳନ୍ତି। ଏମିତିରେ ତ ପ୍ରତିପୂଜାରେ ଦୀପ, ଧୂପ ଏବଂ ପୁଷ୍ପ ଦାନର ବିଧାନ ଅଛି; କିନ୍ତୁ ଏ ଦୀପଦାନ ଆକାଶ ଦୀପ ନୁହନ୍ତି। ଏହାର ମହତ୍ୱ ଏବଂ ମାହାତ୍ମ୍ୟରେ ସ୍ୱତନ୍ତ୍ର ବିଶେଷତ୍ୱ ଅଛି:

*"ହବିଷ୍ୟଅନ୍ନ ଏକାବେଳେ। ଦୀପବସାଇ ସାୟଂକାଳେ।। କାର୍ତ୍ତିକ ବ୍ରତ 'ଳ ଶ୍ରୁତି। ତେଣୁ ମୁଁ ତୁମ୍ଭ ପ୍ରିୟ ଅତି।। ପୂର୍ବେ ଯେ କରିଥିଲ ତପ। ନିଶି ଆଗମେ ଜାଳିଦୀପ।। ତେଣୁ ସନ୍ତୋଷ କମଳିନୀ। ତୁମେ ଯେ ତାଙ୍କ ସପତଣୀ।। କିମ୍ବା କାର୍ତ୍ତିକ ଉଦ୍ୟାପନେ। ଅଂସଖ୍ୟ ଧର୍ମ ଦୀପଦାନେ। ବିଶେଷ ତୁଳସୀ ସେବନେ। ଅସଂଖ୍ୟ ଧର୍ମ ଦୀପଦାନେ।।"*

*—: କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ*

ଏଠାରେ ଭଗବାନ କୃଷ୍ଣ ପ୍ରାଣପ୍ରିୟା ସତ୍ୟଭାମାକୁ କହୁଛନ୍ତି ଯେ ତୁମେ ପୂର୍ବ ଜନ୍ମରେ କାର୍ତ୍ତିକବ୍ରତ କରି ସଂନ୍ଧ୍ୟାରେ ଦୀପଦାନ କରିଥିଲ। ସେତେବେଳେ ତୁମେ ବିଧବା ଥିଲ। ଏହି ଦୀପଦାନର ଧର୍ମ ଫଳରୁ ତୁମେ ମୃତ୍ୟୁପରେ ସେ ଜନ୍ମରେ ଲକ୍ଷ୍ମୀଙ୍କ ସଖୀ ଥିଲ। ଦ୍ୱାପରରେ ମୋ ପତ୍ନୀ ହେଲ। ତୁଳସୀ ମୂଳେ ଦୀପଦାନରେ ଏହିପରି ଅସଂଖ୍ୟ ଧର୍ମ ହୁଏ।



କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପିତୃପୁରୁଷ ବା ସେମାନଙ୍କର ଅମୋକ୍ଷପ୍ରାପ୍ତ ପ୍ରେତାତ୍ମାମାନେ କାର୍ତ୍ତିକ ମାସରେ ଫେରିବାବେଳ ଆସିଯାଇଥାଏ। ଏହି ଦୀପଦାନ ସେମାନଙ୍କର ମୋକ୍ଷ କାମନା ସହିତ ଅନ୍ଧକାରାଚ୍ଛନ୍ନ ସେମାନଙ୍କର ସ୍ୱର୍ଗୀୟ ପଥକୁ ଆଲୋକିତ କରି ପଥ ପ୍ରଦର୍ଶନ କରାଯାଏ ଥାଏ ବୋଲି ବିଶ୍ୱାସ ବହୁ ଦିନରୁ ଚଳି ଆସୁଛି। ଏଣୁ ତୁଳସୀ ମୂଳରେ ଦୀପଦାନ ସହ ଆକାଶର ଉଚ୍ଚସ୍ଥାନ ପର୍ଯ୍ୟନ୍ତ ଏହି ଦୀପକୁ ପ୍ରଜ୍ୱଳନ କରି ରଖାଯାଏ। ଏଥିପାଇଁ ଆକାଶଦୀପର କଳ୍ପନା କରାଯାଇଛି। କାର୍ତ୍ତିକ ମାସର ପ୍ରତିଦିନ ସଂଧ୍ୟାରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପରେ ଦୀପକୁ ପ୍ରଜ୍ୱଳନ କରାଯାଏ। ଏକ ମାଟିର ହାଣ୍ଡିରେ ଅନେକଗୁଡ଼ିଏ ଛୋଟ ଛୋଟ କଣା କରି ତା' ଭିତରେ ଘିଅ ଦୀପ ଜାଳି ହାଣ୍ଡି ଉପରେ ସରାଟିଏ ଘୋଡ଼ାଇ ଶିକାରେ ବାନ୍ଧି ଦଉଡ଼ି ମାଧ୍ୟମରେ ବାଉଁଶ ଉପରକୁ ଉଠାଇ ଦିଆଯାଏ। ଫଳରେ ପବନରେ ଏହା ସହଜରେ ଲିଭିଯାଏ ନାହିଁ ଏବଂ ମିଞ୍ଜିମିଞ୍ଜି ଆଲୋକ ସେ ଛିଦ୍ର ଦେଇ ବାହାରକୁ ନିର୍ଗତ ହେଉଥାଏ। ବିଜ୍ଞାନମତେ ସେ କଣା ନଥିଲେ ଆଲୋକ ନିର୍ଗତ ହେବନାହିଁ କିମ୍ବା ଅମ୍ଳଜାନ ପ୍ରବେଶ ନକଲେ ବତୀ ଜଳିବ ନାହିଁ। ଅମ୍ଳଜାନ ଜ୍ୱଳନର ସହାୟକ।

ସ୍ୱାମୀ-ସ୍ତ୍ରୀର ସଂପର୍କ ଜନ୍ମ ଜନ୍ମାନ୍ତର ଏବଂ ସ୍ୱର୍ଗୀୟ ବୋଲି ପୁରାଣ ଓ ଶାସ୍ତ୍ରମାନେ କୁହନ୍ତି। ଏଣୁ ଜଣଙ୍କର ସର୍ବକାଳୀନ ଅନୁପସ୍ଥିତି ବା ମୃତ୍ୟୁରେ ଆର ଜଣକ ପରାଗତ ଆତ୍ମାର ମୋକ୍ଷ ବା ମଙ୍ଗଳାର୍ଥେ ଯେଉଁ କୃତକର୍ମ କରେ ତା' ମଧ୍ୟରୁ ଆକାଶଦୀପ ଅନ୍ୟତମ। ଏଥିପାଇଁ ଯାବତୀୟ ଅଭାବ ଓ ଅନାଟନ ସତ୍ତ୍ୱେ ମାଗି ଯାଚି ଆକାଶ ଦୀପ କାର୍ତ୍ତିକରେ ଜଳାଯାଏ। ଆମ କାହାଣୀରେ 'ଆକାଶଦୀପ' ନେଇ ଅନେକ ଗପ ମଧ୍ୟ ଲେଖାଯାଇଛି। ଆକାଶଦୀପର ଜ୍ୱଳନ ଅନ୍ୟ ପକ୍ଷରେ ବ୍ୟକ୍ତିଗତ ଧର୍ମ ଅର୍ଜନ। ଏହା ସତ୍ୟଭାମାଙ୍କର କାହାଣୀ ଅବଲମ୍ବନରେ ସୂଚାଇ ଦିଆଯାଇଛି। ଏହାର ବୈଜ୍ଞାନିକ କାରଣ ମଧ୍ୟ ଅଛି। କାର୍ତ୍ତିକ ମାସ ହେମନ୍ତ ଋତୁର ଅନ୍ତର୍ଗତ। ଏହି ଋତୁରେ କୀଟ-ପତଙ୍ଗ ଏବଂ କୀଟାଣୁମାନଙ୍କର ପ୍ରାଦୁର୍ଭାବ ଥାଏ। ସେମାନେ ଏହି ସାମୂହିକ ଦୀପଜ୍ୱଳନ ମାଧ୍ୟମରେ ଦଗ୍ଧିଭୂତ ହୋଇଥାଆନ୍ତି। ଏ ଦୃଷ୍ଟିରୁ ଦୀପାବଳୀ ଦିନ ଯେଉଁ ଦୀପଦାନ ଉତ୍ସବ ଏବଂ ବଡ଼ବଡ଼ିଆ ଟେକାଯାଏ ଉଭୟ ଧାର୍ମିକ ଓ ବିଜ୍ଞାନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ : ଗୋଟିଏ ପଟେ ବଡ଼ବଡ଼ିଆଙ୍କୁ ସ୍ୱର୍ଗପଥକୁ ଆଲୋକ ପ୍ରଦର୍ଶନ ଏବଂ ଅନ୍ୟପକ୍ଷରେ ବିଜ୍ଞାନ ମତେ ବାଣ, ରୋଷଣୀ ଓ ଦୀପ ପ୍ରଜ୍ୱଳନ ଦ୍ୱାରା ବୀଜାଣୁ, କୀଟାଣୁ ଇତ୍ୟାଦି ବିନାଶନ।

ଆକବରଙ୍କ ଆଇନ୍-ଇ-ଆକବରୀ ମତେ ତାଙ୍କ ସମୟରେ ମଧ୍ୟ ଆକାଶଦୀପ ପ୍ରଚଳନ ଥିଲା। ଏଥିରେ ୪୦ ଫୁଟ ଲମ୍ବର ବାଉଁଶ ଓ ୧୬ଖଣ୍ଡି ଦଉଡ଼ିର ବ୍ୟବହାର କଥା ଉଲ୍ଲେଖ ଅଛି। ବରୋଦା ମିଉଜିୟମରେ ଏକ ବିରାଟ ଆକାଶଦୀପ ମୋଗଲ ଯୁଗର ଏବେ ମଧ୍ୟ ସଂରକ୍ଷଣ ହୋଇଅଛି। କେତେକଙ୍କ ମତରେ ବୋଇତ ମାଧ୍ୟମରେ ଆମର ବହିର୍ବାଣିଜ୍ୟ ପାଇଁ ସାଧବ ପୁଅମାନଙ୍କ କାହାଣୀ ସହ ଏହା ସଂପର୍କିତ କରାଯାଏ। ଏହା ସେତେବେଳେ ଦିଗ୍‌ବାରିଣୀ ବା ବତୀଖୁଣ୍ଟ ରୂପେ ବ୍ୟବହାର ହେଉଥିଲା। ଏଥିପାଇଁ ଏ ଆକାଶଦୀପ ଅତି ଉଚ୍ଚ ଏମିତିକି ପାହାଡ଼ ଉପରେ ଜଳାଇ ରଖାଯାଉଥିଲା। ତେବେ ଯେଉଁ ଦୃଷ୍ଟିରୁ ବିଚାର କଲେବି, ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ।

ହବିଷ୍ୟାଳୀମାନେ ଆଶ୍ୱିନ ଶୁକ୍ଳପକ୍ଷ ଏକାଦଶୀ ଦିନ ହବିଷ ସଂକଳ୍ପ କରିଥାନ୍ତି। କାର୍ତ୍ତିକ କୃଷ୍ଣ ପ୍ରତିପଦାଠାରୁ ହବିଷ ପାଳନ ହୁଏ କାର୍ତ୍ତିକ ପୂର୍ଣ୍ଣିମା ବା ରାସପୂର୍ଣ୍ଣିମା ଯାଏଁ। ରାସପୂର୍ଣ୍ଣିମା ଦିନ ସକାଳୁ ପୂର୍ବବତ୍ ସ୍ନାନସାରି ନିତ୍ୟନୈମିତ୍ତିକ କାମ ସହ କଦଳୀ ବାହୁଙ୍ଗା/ସୁଙ୍ଗାର ଡଙ୍ଗା କରି ଜଳରେ ଦୀପଦାନ କରାଯାଏ। ଏହା ବୋଇତ ବନ୍ଦାଣ ଦୃଷ୍ଟିରୁ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ରାଇ-ଦାମୋଦର ଦର୍ଶନ ଓ ପୂଜନ ପାଇଁ ଅଧିକ ଯୁକ୍ତିଯୁକ୍ତ। ଏହିଦିନ ଅକ୍ରୁର ଦାମୋଦରଙ୍କୁ ସ୍ନାନ ବେଳେ ଜଳରେ ଦେଖିଥିଲେ ଯେତେବେଳେ ସେ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରା ନେଇ ଯାଉଥିଲେ। ଏଣୁ ଯଥାର୍ଥରେ ଧର୍ମ ଦୃଷ୍ଟିରୁ କୁହାଯାଇଛି:

*"ଆ କା ମା ଭୈ, ପାନଗୁଆ ଥୋଇ*
*ପାନଗୁଆ ତୋର, ମାସକ ଧରମ ମୋର।।"*

ସଂଧ୍ୟାରେ ପୁଣି ତୁଳସୀ ଚଉରାମୂଳେ ଦୀପଦାନ ଓ ଆକାଶ ଦୀପ ଜ୍ୱଳନ। କାର୍ତ୍ତିକ ବ୍ରତ ଉଦ୍‌ଯାପନ ସହିତ 'ଆକାଶଦୀପ'ର ଆଉ ପ୍ରାଧାନ୍ୟ ନଥାଏ ଯଦିଓ ଅନେକ ଆହୁରି କିଛି ଦିନ ଜାଳନ୍ତି। ଏମିତିରେ ଆମେ ପ୍ରତିଦିନ ସଂଧ୍ୟାରେ ବି ତୁଳସୀ ଚଉରାମୂଳେ ଦୀପ ଜାଳୁ।

କଥାରେ ଅଛି : କାର୍ତ୍ତିକ ମାସପରି ମାସ, ସତ୍ୟ ଯୁଗପରି ଯୁଗ, ବେଦପରି ଶାସ୍ତ୍ର, ଗଙ୍ଗାତୁଲ୍ୟ ନଦୀ ସର୍ବୋପରି ଦୀପଦାନପରି ଧର୍ମ ବା ପୁଣ୍ୟ ନାହିଁ।

*"ଦୀପଂ ଜ୍ୟୋତି ପରଂବ୍ରହ୍ମ/ଦୀପଂ ଜ୍ୟୋତି ପରାୟଣେ/ ଦୀପନେ ହରେତ ପାପଂ/ସଂଧ୍ୟାଦୀପଂ ସରସ୍ୱତୀ।।"*

# ହୃଦୟକୁ ବୁଝନ୍ତୁ !

**ବ**ର୍ତ୍ତମାନ ବ୍ୟସ୍ତବହୁଳ ଜୀବନରେ ଅତ୍ୟଧିକ ଚିନ୍ତା ଓ ଚାପ ଭିତରେ ବଞ୍ଚିଥିବା ମଣିଷ ନାନା ପ୍ରକାର ରୋଗର ଶିକାର ହେଉଛି। ମଧୁମେହ, ଉଚ୍ଚ ରକ୍ତଚାପ ଓ ହୃଦ୍‌ରୋଗରେ ବହୁ ସଂଖ୍ୟାରେ ଆକ୍ରାନ୍ତ ହେଉଛନ୍ତି। ବିଶେଷକରି ହୃତ୍‌ପିଣ୍ଡ ଜନିତ ରୋଗରେ ପ୍ରତିବର୍ଷ ବିଶ୍ୱରେ ୧୭.୩ ମିଲିୟନ ଲୋକଙ୍କ ମୃତ୍ୟୁ ଘଟୁଛି। ବିକଶିତ ଦେଶ ତୁଳନାରେ ଅନୁନ୍ନତ ଓ ବିକାଶଶୀଳ ଦେଶମାନଙ୍କରେ ପ୍ରାୟ ୮୦ ପ୍ରତିଶତ ଲୋକ ଏଥିରେ ଆକ୍ରାନ୍ତ ହୁଅନ୍ତି। ବିଶେଷକରି ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। କାରଣ ବିକାଶଶୀଳ ଦେଶମାନଙ୍କରେ ଟଙ୍କା କମାଇବାର ବ୍ୟସ୍ତତା ଭିତରେ ଲୋକମାନେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତି ନାହିଁ। ତେବେ ତମାଖୁ ସେବନ, ମଦ୍ୟପାନ, ଅସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ, ମେଦବହୁଳତା, ଜଙ୍କଫୁଡ୍ ପ୍ରତି ଆଗ୍ରହତା, ଆଳସ୍ୟପଣ ହେଉଛି ହୃଦ୍‌ରୋଗ ଓ ହୃଦ୍‌ଘାତର ପ୍ରମୁଖ କାରଣ। କିନ୍ତୁ ଲୋକମାନେ ଏହି ଦିଗ ପ୍ରତି ସଚେତନ ନାହାନ୍ତି। ତେଣୁ ବିଶ୍ୱବାସୀଙ୍କୁ ହୃଦ୍‌ରୋଗର କାରଣ ଓ ନିରାକରଣର ଦିଗ ଜଣାଇବା ଏବଂ ସଚେତନ କରିବା ୱାର୍ଲ୍ଡ ହାର୍ଟ ଫେଡେରେସନ ତରଫରୁ ୨୦୦୦ ମସିହା ସେପ୍ଟେମ୍ବର ୨୯ ତାରିଖକୁ ୱାର୍ଲ୍ଡ ହାର୍ଟ ଡେ ରୂପେ ପାଳନ କରାଯାଏ। ଏହି ଦିନ ହୃଦ୍‌ରୋଗର କାରଣ ଏବଂ ଏହାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେଥିପାଇଁ ଦେଶର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ହୃଦ୍‌ରୋଗୀଙ୍କ ଚିକିତ୍ସା କିପରି କରାଯାଇପାରିବ ସେ ସଂକ୍ରାନ୍ତୀୟ ତଥ୍ୟ ବିଶ୍ୱବ୍ୟାପୀ ପ୍ରସାରିତ କରିଥାଏ ଏହି ସଂଗଠନ। ଏହି ସଂଗଠନ ବିଶ୍ୱର ପ୍ରାୟ ୧୦୦ଟି ଦେଶରେ କାର୍ଯ୍ୟ କରୁଛି।



ପ୍ରଥମେ ୧୯୪୬ ମସିହାରେ ଇଣ୍ଟରନ୍ୟାସନାଲ ସୋସାଇଟି ଅଫ୍ କାର୍ଡ଼ିଓଲୋଜି ଏବଂ ୧୯୭୦ ମସିହାରେ ଇଣ୍ଟରନ୍ୟାସନାଲ କାର୍ଡ଼ିଓଲୋଜି ଗଠନ କରାଯାଇଥିଲା। କିନ୍ତୁ ୧୯୭୮ ମସିହାରେ ଏହି ଦୁଇ ଅନ୍ତର୍ଜାତୀୟ ସଂଗଠନ ଏକାଠି ହୋଇ ଇଣ୍ଟରନ୍ୟାସନାଲ ସୋସାଇଟି ଆଣ୍ଡ ଫେଡ଼େରେସନ ଅଫ୍ କାର୍ଡ଼ିଓଲୋଜି ଗଠିତ ହେଲା, ଯାହା ୧୯୯୮ ମସିହାରେ ୱାର୍ଲ୍ଡ ହାର୍ଟ ଫେଡେରେସନ ନାମରେ ନାମିତ ହେଲା। ଏହି ସଂଗଠନ ଅନୁନ୍ନତ ଏବଂ ବିକାଶଶୀଳ ଦେଶଗୁଡ଼ିକରେ ହୃଦ୍‌ରୋଗର ମୂଳୋତ୍ପାଟନ ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କଲା। ଏହି ସଂଗଠନକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ହୃଦ୍‌ରୋଗର ମୁକାବିଲା ପାଇଁ ସହଯୋଗ ଯୋଗାଇ ଦିଆଯାଉଛି। ବିଭିନ୍ନ ଦେଶର ପ୍ରାୟ ୨୦୦ ଜଣ ଏହି ସଂଗଠନର ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ବିକାଶଶୀଳ ଦେଶମାନଙ୍କରେ ହୃଦ୍‌ରୋଗୀ ସଂଖ୍ୟା ବଢୁଥିଲେ ମଧ୍ୟ ଏହା କେଉଁଥିପାଇଁ ହେଉଛି ସେଥିପ୍ରତି ଅନେକେ ସଚେତନ ନାହାନ୍ତି। ତେବେ ଏହି ସଂଗଠନ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଅନୁନ୍ନତ ଦେଶଗୁଡ଼ିକରେ ହୃଦ୍‌ରୋଗର ମୁକାବିଲା କରିବା ପାଇଁ ଥିବା ନୂତନ ଜ୍ଞାନକୌଶଳର ଅଭାବକୁ ଦୂର କରୁଛି ଏହି ସଂଗଠନ। ପ୍ରତିବର୍ଷ ସଂଗଠନ ପକ୍ଷରୁ ବିଭିନ୍ନ ପ୍ରକାର ନାଟକ, ଖେଳ ଆଦି ଅନେକ କାର୍ଯ୍ୟକ୍ରମର ଆୟୋଜନ ବିଶ୍ୱବ୍ୟାପୀ କରାଯାଏ। ପ୍ରତିବର୍ଷ ନୂଆ ନୂଆ ସ୍ଲୋଗାନ ଦେଇ ଏହି ପ୍ରକାର କାର୍ଯ୍ୟକ୍ରମଗୁଡ଼ିକ ଆୟୋଜିତ ହୋଇଥାଏ। ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱବାସୀଙ୍କୁ ସଚେତନ କରାଇବା ଲକ୍ଷ୍ୟକୁ ୱାର୍ଲ୍ଡ ହାର୍ଟ ଫେଡ଼େରେସନ ସଫଳତାର ସହ ତୁଲାଉଛି। ସାଧାରଣରେ ହୃଦ୍‌ରୋଗକୁ ନେଇ ଅନେକ ଲୋକଙ୍କ ଭିତରେ ଏକ ଭୟ ଓ ଆଶଙ୍କାର ବାତାବରଣ ରହିଥାଏ। କିନ୍ତୁ ପ୍ରକୃତ କଥା ହେଉଛି ଏକ ଉତ୍ତମ ଓ ଯୋଜନାବଦ୍ଧ ଦିନଚର୍ଯ୍ୟା, ବିଶ୍ରାମ, ଖାଦ୍ୟ ଓ ସୁଚିନ୍ତନ ଦ୍ୱାରା ସର୍ବୋପରି ପ୍ରାଥମିକ ଅବସ୍ଥାରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଲେ ଏହାକୁ ନେଇ ପରବର୍ତ୍ତୀ ସମୟରେ ଭୟର କୌଣସି କାରଣ ରହିବନାହିଁ। ଆପଣଙ୍କର ଉଚ୍ଚ ରକ୍ତଚାପ ବା ଡାଇବେଟିସ୍ ଥିଲେ ଏହାକୁ ଚିକିତ୍ସା ଦ୍ୱାରା ନିୟନ୍ତ୍ରଣରେ ରଖନ୍ତୁ। ସୁଷମ ଖାଦ୍ୟ ଭିତରେ ସବୁଜ ପନିପରିବା, ଫଳ ସବୁଠାରୁ ଭଲ। ସେହିପରି ଯୋଗାଭ୍ୟାସ, ପ୍ରାଣାୟାମ, ବ୍ୟାୟାମ, ସୂର୍ଯ୍ୟ ନମସ୍କାର, ସନ୍ତରଣ, ସାଇକେଲ ଚାଳନା, ପ୍ରାତଃ ଭ୍ରମଣ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତ୍ୟନ୍ତ ଆବଶ୍ୟକ। ହୃଦ୍‌ରୋଗ ଜନିତ ସମସ୍ୟାକୁ ନେଇ ମାନସିକ ଭାବେ ଚିନ୍ତିତ ହୁଅନ୍ତୁ ନାହିଁ ବା ଅସ୍ୱସ୍ତି ଅନୁଭବ କରନ୍ତୁ ନାହିଁ। ସେହିପରି ବୃତ୍ତିଗତ ଜୀବନ ବା ଅବସର ଜୀବନ ହେଉ ହୃଦ୍‌ରୋଗ ଆଶଙ୍କାକୁ ନେଇ କୌଣସି ବ୍ୟସ୍ତତା, ଦୁଃଶ୍ଚିନ୍ତା ଓ ହତାଶା ଭାବ ରହିବା କଥା ନୁହେଁ। ନିଜକୁ ହୃଦ୍‌ରୋଗ କ୍ଷେତ୍ରରେ କୌଣସି ଅସ୍ୱସ୍ତିକର ଅନୁଭବ କଲେ ସରକାରଙ୍କ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିବା ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ରାଜ୍ୟର ସର୍ବବୃହତ୍ ଚିକିତ୍ସାଳୟରେ ଅବସ୍ଥାପିତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ, ନିଦାନ ଓ ଚିକିତ୍ସା ଦ୍ୱାରା ଆପଣଙ୍କ ହୃଦୟର ସମସ୍ୟା ଚିନ୍ତାର କାରଣ ପାଲଟିବ ନାହିଁ। ସବୁବେଳେ ମନେରଖିବେ ହୃଦୟକୁ ନେଇ ଆପଣ ଚିନ୍ତା ନକରି ଆପଣ କିପରି ଏକ ଆଦର୍ଶ ଓ ସ୍ୱାସ୍ଥ୍ୟମୟ ଦିନଟି ବିତାଇବେ ତାହା ଚିନ୍ତା କରନ୍ତୁ। ସବୁବେଳେ ସତ୍‌ଚିନ୍ତନ ଓ ଆଧ୍ୟାତ୍ମିକ ଜୀବନଚର୍ଯ୍ୟା ଏ କ୍ଷେତ୍ରରେ ଏକ ମହୌଷଧି ପରି କାମକରେ।

# ଲଘୁ ଖଣିଜ ପରିବହନ ଓଭର ଲୋଡ଼ିଂକୁ ବିରୋଧ




ବଡ଼ଚଣା (ପିଏନ): ଚଣ୍ଡିଖୋଲ ସ୍ଥିତ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏକ ବୈଠକ ସଂଘର ସଭାପତି ଅଜାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧର୍ମଶାଳା ଅଂଚଳରେ ଥିବା ବିଭିନ୍ନ ଲଘୁ ଖଣିଜ ଖାଦାନମାନଙ୍କରୁ ଖନନ କରାଯାଇ ଗାଡ଼ିମାନଙ୍କ ଦ୍ୱାରା ଧାର୍ଯ୍ୟ ଠାରୁ ଅଧିକ ମାଲ ପରିବହନ କରାଯାଇ ପଡ଼ୋଶୀ ୫/୬ଟି ଜିଲ୍ଲାକୁ ପରିବହନ କରାଯାଉଛି। ସରକାରଙ୍କ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ଏହି ଲଘୁ ଖଣିଜ ପଦାର୍ଥ ବ୍ୟବହାର କରାଯାଇଥାଏ। ମାତ୍ର ସରକାରଙ୍କର ନୀତି ନିୟମକୁ ଉଲଘନ କରି ଗାଡ଼ି ମାଲିକମାନେ ଧାର୍ଯ୍ୟ ଠାରୁ ଅଧିକ ପରିବହନ କରିଥାନ୍ତି। ଏହା ବିରୋଧରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ବିରୋଧ ହେବାରୁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଓଭର ଲୋଡ଼ ପରିବହନ କରୁଥିବା ଗାଡ଼ିଗୁଡ଼ିକ ଉପରେ ଲକ୍ଷାଧିକ ଟଙ୍କାର ଜୋରିମାନା କରିବା ସହ ଗାଡ଼ି ମାଲିକମାନଙ୍କୁ ଗିରଫ୍ କରାଯାଇ କୋର୍ଟ ଚାଲାଣ କରିବା ପାଇଁ ବିଭିନ୍ନ ଥାନାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବେଆଇନ ପରିବହନରେ ଚଣ୍ଡିଖୋଲ ସଂଘର ଦୁଇଜଣ ଗାଡ଼ି ମାଲିକ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଧର୍ମଶାଳାରୁ ବିଭିନ୍ନ ଜିଲାକୁ ନିର୍ଦ୍ଧାରିତ ପାସିଙ୍ଗ ଅନୁଯାୟୀ ପରିବହନ କରାଯାଉଥିଲା ବେଳେ ଢେଙ୍କାନାଳ ଓ ଖୋର୍ଦ୍ଧା ଜିଲାରୁ ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଅଂଚଳକୁ ଓଭର ଲୋଡ଼ିଂ ମାଲ ପରିବହନ କରାଯାଉଛି। ଫଳରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଧାର୍ଯ୍ୟ ପରିମାଣଠାରୁ ଅଧିକ ପରିବହନ କଲେ ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ କଠୋର ନିୟମ ଥିବା ସତ୍ତ୍ୱେ ବହୁ ଗାଡ଼ି ମାଲିକମାନେ ଏହାକୁ ମାନୁନାହାଁନ୍ତି। ଫଳରେ ଅତ୍ୟଧିକ ମାଲ ପରିବହନ ଯୋଗୁ ରାସ୍ତାଘାଟ ନଷ୍ଟ ହେବା ସହ ବହୁ ଧନଜୀବନ ନଷ୍ଟ ହେଉଛି। ଏହି ବେଆଇନ ପରିବହନକୁ ବନ୍ଦ କରିବା ପାଇଁ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ପକ୍ଷରୁ ଏକମାସ ହେବ ବିଭିନ୍ନ ସଚେତନାତ୍ମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଅଛି। ଓଭର ଲୋଡ଼ିଂ ବନ୍ଦ ପାଇଁ ସଂଘ ପକ୍ଷରୁ ରାଜ୍ୟ ପରିବହନ ସଚିବ ଅରୁଣ ବୋଥ୍ରା, ସହକାରୀ ସଚିବ ଲାଲ ମୋହନ ସେଠୀ, ଯାଜପୁର ଜିଲ୍ଲାପାଳ ଚକ୍ରବର୍ତି ସିଂ ରାଠୋର, ଜିଲ୍ଲା ପୋଲିସ ଅଧିକ୍ଷକ ପି.ଆର. ରାହୁଲ, ଚଣ୍ଡିଖୋଲ ଆଂଚଳିକ ପରିବହନ ଅଧିକାରୀ, ଧର୍ମଶାଳା ବିଧାୟକଙ୍କୁ ଭେଟି ଧର୍ମଶାଳା ସମେତ ସମଗ୍ର ରାଜ୍ୟରେ ଓଭର ଲୋଡ଼ିଂ ବନ୍ଦ କରିବା ପାଇଁ ଅନୁରୋଧ କରାଯାଇଥିଲା। ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏତାଦୃଶ ଦାବୀକୁ ଜିଲ୍ଲା ପ୍ରଶାସନ ଶତ ପ୍ରତିଶତ ସମର୍ଥନ କରିବା ସହ ସଂଘର ଦାବୀକୁ ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଲୋଡ଼ିଂ ପଏଂଟରୁ ଗାଡ଼ିଗୁଡ଼ିକୁ ପାସିଙ୍ଗଠାରୁ ଅଧିକ ଲୋଡ଼ ନଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଗାଡ଼ି ମାଲିକମାନେ ଏହି ନିୟମକୁ ନମାନିବେ ସେମାନଙ୍କ ଉପରେ ଏକଲକ୍ଷ ୨୦ ହଜାର ଟଙ୍କା ଜୋରିମାନା କରିବା ସହ ଏକବର୍ଷ ପାଇଁ ଗାଡ଼ିର ପରିମିଟ କ୍ୟାନସଲ କରିବା ପାଇଁ ବିଭିନ୍ନ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅମୀତ କୁମାର ସାହୁ, ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ବିନୋଦ ନାୟକ, କୋଷାଧ୍ୟକ୍ଷ ରଂଜନୀକାନ୍ତ କର, ମୁଖପାତ୍ର ପ୍ରଭାତ କୁମାର ରାଉତ, ସରୋଜ କୁମାର ଧୀର, ସନା ବାବୁ, ପ୍ରମୋଦ କବି, ସନ୍ତୋଷ ପୃଷ୍ଟି, ମୁଜୁବୁର ରହେମାନ, ରଣଜିତ ଜେନା, ଚଗଲା ପାତ୍ର, ତପନ କରିଡ଼ା, ବୁନା ପରିଡ଼ା, ବୁନା ବେହେରା, ବିପିନ ନାୟକ, ଜଗନ୍ନାଥ ସାମଲ ସମେତ ଶତାଧିକ ଟ୍ରକ୍ ମାଲିକ ଉପସ୍ଥିତ ଥିଲେ।

## ଚଣ୍ଡିଖୋଲ ବସ୍ ମାଲିକ ସଂଘ ସଭ୍ୟଙ୍କ ବିୟୋଗରେ ସ୍ମୃତିଚାରଣ ସଭା

ବଡ଼ଚଣା (ପିଏନ୍): ଚଣ୍ଡିଖୋଲ ଛକ ସ୍ଥିତ ଚଣ୍ଡିଖୋଲ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟଠାରେ ସଂଘର ବରିଷ୍ଠ ସଭ୍ୟ ସ୍ୱର୍ଗତଃ ନାରାୟଣ ସ୍ୱାଇଁଙ୍କ ଅକାଳ ବିୟୋଗରେ ଏକ ସ୍ମୃତିଚାରଣ ସଭା ସଂଘର ସଭାପତି ଅମରେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଦୀଲିପ କୁମାର ଚୌଧୁରୀ, ଦୀପକ କୁମାର ମିଶ୍ର, ପୁଷ୍ପରାଜ ନାୟକ, ଦେବଜିତ କର, ବିଘ୍ନରାଜ ନାୟକ, ସୁନିଲ ନାୟକ, କିଶୋର ପଲେଇ, ଚିତ୍ତରଂଜନ ନାୟକ, ଅକ୍ଷୟ କୁମାର ରାଉତ, ରସିଉଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ସ୍ୱାଇଁ ଚଣ୍ଡିଖୋଲ ଘରୋଇ ବସ୍ ମାଲିକମାନଙ୍କ ମଧ୍ୟରେ ଏକତା, ଭାଇଚାରା ଓ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବଳିଷ୍ଠ ଭୂମିକା ଗ୍ରହଣ କରିଥିଲେ। ସେ ଜଣେ ସ୍ପଷ୍ଟବାଦୀ, ନିରହଂକାରୀ, ବନ୍ଧୁବତ୍ସଳ, ପରଉପକାରୀ ଭାବରେ ଏ ଅଚଂଳରେ ପରିଚିତ ଥିଲେ। ବହୁ ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ସଂଘ ସହିତ ସେ ଜଡ଼ିତ ଥିଲେ। ତାଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲ ଘରୋଇ ବସ ମାଲିକ ସଂଘ ତରଫରୁ ତାଙ୍କର ପରିବାରଙ୍କୁ ସମବେଦନା ଜଣାଇବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ତାଙ୍କର ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଥାନୁଆଳ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନର୍ମଦା ସ୍ୱାଇଁ ଶିବିରକୁ ଉଦ୍‌ଘାଟନ କରିବା ସହିତ ୧୫୬ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୨୦ଟି ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗ ଗୁଡ଼ିକ ଅନୁଧ୍ୟାନ କରାଯାଇ ସମାଧାନ କରାଯିବ ବୋଲି କୁହାଯାଇଥିଲା। ବିଶେଷ କରି ରାସନ କାର୍ଡ଼, ଭତା, ଆବାସ ଓ ଜମିପଟ୍ଟା ପାଇବା ପାଇଁ ଅଧିକ ଅଭିଯୋଗ ପଡ଼ିଥିଲା। ପିଇଓ କୈଳାସ ସେନାପତି, ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ଜେନା, ସ୍ନେହଲତା ଦୋରା, ଛାତ୍ର ସଭାପତି ସଂଜୟ ପାଳ ଓ ପୂର୍ବତନ ସମିତି ସଭ୍ୟ ପ୍ରସନ୍ନ କୁମାର ରାଉତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଉତ୍କଳ ବାଳାଶ୍ରମରେ ଶିଶୁ ଦିବସ ପାଳିତ

ପୁରୀ, (ପି.ଏନ): ଶିଶୁ ହସିଲେ ଦୁନିଆ ହସେ। ଆଉ ପ୍ରତିଟି ଶିଶୁ ମଧ୍ୟରେ ପ୍ରତିଭା ପୁରି ରହିଛି। ଏହି ପ୍ରତିଭାର ଉନ୍ମେଷ ପାଇଁ ପ୍ରତ୍ୟେକ ଉଦ୍ୟମ କରିବାକୁ ଶିଶୁ ଦିବସରେ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ। ଆଜି ପୂର୍ବାହ୍ନରେ ଉତ୍କଳ ବାଳାଶ୍ରମ ପରିସରରେ ଶିଶୁ ଦିବସ ପାଳିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଯୋଗଦେଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଶିଶୁ ମାନଙ୍କୁ ଅତ୍ୟନ୍ତ ସ୍ନେହ କରୁଥିବାରୁ ତାଙ୍କ ଜନ୍ମ ଦିନକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି। ତେଣୁ ପିଲା ମାନଙ୍କର ସର୍ବାଙ୍ଗୀନ ବିକାଶ ଓ ଉନ୍ନତି ପାଇଁ ପ୍ରତ୍ୟେକ ଚେଷ୍ଟିତ ହେବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର ଶିଶୁ ମାନେ ଦେବଶିଶୁ। ସେମାନଙ୍କ ଉପଯୁକ୍ତ ପରିଚର୍ଯ୍ୟା, ଲାଳନପାଳନ, ଚରିତ୍ର ଗଠନ ଓ ଶୃଙ୍ଖଳା ରକ୍ଷାରେ ପ୍ରତ୍ୟେକ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ରେଡ଼କ୍ରସର ବରିଷ୍ଠ ସଦସ୍ୟ ଜୟନ୍ତୀ ମହାପାତ୍ର, ବାଳାଶ୍ରମର ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ନଭେମ୍ବର ୧୬

# ଗଣତନ୍ତ୍ରର ପ୍ରହସନ


ଗୋପାଳ ମହାପାତ୍ର

ଗଣତନ୍ତ୍ରର ସର୍ବମାନ୍ୟ ବାକ୍ୟ ହେଉଛି "ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ"। ଏହି ସର୍ବମାନ୍ୟ ବାକ୍ୟରୁ ସ୍ପଷ୍ଟ ଯେ ଗଣତନ୍ତ୍ରରେ ଲୋକେ ବା ଜନତା ହେଉଛନ୍ତି ସର୍ବ ଶକ୍ତିମାନ। ରାଜନୈତିକ ଦଳ ଜନତାଙ୍କ ଉର୍ଦ୍ଧ୍ୱରେ ବୋଲି କେଉଁଠାରେ କୁହାଯାଇନାହିଁ। କିନ୍ତୁ ଏବେ ଗଣତାନ୍ତ୍ରିକ ବିଂଶଗତି ଓ ବିଦ୍‌ପତାକାରଣରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ଯେ ଜନତା ଶକ୍ତିହୀନ ବୋଲି ରାଜନୈତିକ ଦଳମାନେ ଭାବିନେଲେଣି । କେବଳ ଏତିକି ନୁହେଁ ନିର୍ବାଚ଼ନୀ ବଣ୍ଡକୁ ନେଇ ମାନ୍ୟବର ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠରେ ହେବାକୁ ଥିବା ଶୁଣାଣିର କିଛି ଦିନ ପୂର୍ବରୁ ଦେଶର ଆର୍ଟର୍ଣ୍ଣିଜେନେରାଲ କହିଥିଲେ ଯେ ନୀତିଗତ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କର ନିଷ୍ପତ୍ତି ନେବାର ଅଧିକାର ନାହିଁ । ଆର୍ଟର୍ଣ୍ଣିଜେନେରାଲଙ୍କ ଏହି ବୟାନ କ'ଣ ପ୍ରାସଙ୍ଗିକ ବା ଠିକ କି ? ମାନ୍ୟବର ସୁପ୍ରିମକୋର୍ଟ ଅନେକ ବାର ଦେଶର ନିର୍ବାଚ଼ନୀ ପ୍ରକ୍ରିୟାକୁ ସୁଧାରିବା ଦିଗରେ ନିଷ୍ପତ୍ତି ଶୁଣାଇଛନ୍ତି । ରାଜନୀତିରେ ଦାଗୀ ରାଜନେତାଙ୍କ ପ୍ରତିନିଧିତ୍ୱ ଉପରେ ଅଙ୍କୁଶ ମଧ୍ୟ ଲଗାଇଛନ୍ତି । ୨୦୦୩ରେ ମାନ୍ୟବର କୋର୍ଟ ରାଜନେତାମାନେ ସେମାନଙ୍କର ଅପରାଧିକ ପୃଷ୍ଠଭୂମି ସମ୍ପର୍କରେ ସମସ୍ତ ତଥା ସାର୍ବଜନୀନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରସଙ୍ଗରେ କୋର୍ଟ କହିଥିଲେ ଯେ ରାଜନେତାଙ୍କ ବାବଦରେ ସବୁ କଥା ଜାଣିବାର ଅଧିକାର ଲୋକଙ୍କର ରହିଛି । ନିର୍ବାଚ଼ନୀ ବଣ୍ଡ ପ୍ରସଙ୍ଗରେ ମଧ୍ୟ ଏକଥା ଲାଗୁହେବା କଥା । ନିର୍ବାଚ଼ନୀ ପ୍ରକ୍ରିୟାରେ ଖର୍ଚ୍ଚ ହେଉଥିବା ଅର୍ଥ ଆଇନ ସମ୍ମତ ସ୍ରୋତରୁ ଆସିବା ଉଚିତ ଓ ଏହା ଉପରେ ହିଁ ନିର୍ବାଚ଼ନର ଶୁଚିତା ନିର୍ଭର କରିଥାଏ । ଏଣୁ ଲୋକଙ୍କର ଏକଥା ଜାଣିବା ଦରକାର ଯେ ରାଜନୈତିକ ଦଳମାନେ କେଉଁ ସ୍ରୋତରୁ କେତେ ପରିମାଣର ଅର୍ଥ ଆଣିଛନ୍ତି ବା ଆଣୁଛନ୍ତି । ଉଲ୍ଲେଖନୀୟ ଯେ ଯେତେବେଳେ ସଂସଦରେ ନିର୍ବାଚ଼ନୀ ବଣ୍ଡ ପ୍ରସଙ୍ଗକୁ ଆଇନଗତ ମାନ୍ୟତା ଦିଆଯିବାର ପ୍ରୟାସ କରାଯାଉଥିଲା ସେତେବେଳେ ତତ୍କାଳୀନ ଅର୍ଥମନ୍ତ୍ରୀଙ୍କର ବୟାନ ଥିଲା ଯେ ଏହା ଆଇନରେ ପରିଣତ ହେଲେ ନିର୍ବାଚ଼ନ ପାଇଁ ଚ଼ାନ୍ଦା ଜୁଟାଇବାରେ ପାରଦର୍ଶିତା ଆସିବ ଓ ଭ୍ରଷ୍ଟାଚ଼ାର ଉପରେ ଅଙ୍କୁଶ ଲାଗିବ । କିନ୍ତୁ ଏ ପ୍ରସଙ୍ଗ ଏବେ କୋର୍ଟରେ ବିଚ଼ାରାଧୀନ ଥିବାବେଳେ ଆର୍ଟର୍ଣ୍ଣି ଜେନେରାଲ ଦେଇଥିବା ବୟାନର ତାତ୍ପର୍ଯ୍ୟ କ'ଣ ? ଏକଥା ନିଶ୍ଚୟ ଯେ ରାଜନୈତିକଦଳମାନେ ଶିଳ୍ପପତିମାନଙ୍କ ଠାରୁ କେତେ ଚ଼ାନ୍ଦା ଆଣୁଛନ୍ତି ସେକଥା ସାଧାରଣ ଲୋକେ ଜାଣିବା ଆବଶ୍ୟକ । ଶିଳ୍ପପତିମାନେ ଶାସନ ବା ରାଜନୀତିର ଅପହାଓ୍ୱାକୁମାପିଚୁପି ରାଜନୈତିକ ଦଳମାନଙ୍କୁ ଚ଼ାନ୍ଦା ଦେଇଥାନ୍ତି । ଏହା ଗୋଟିଏ ପକ୍ଷରେ ସେମାନଙ୍କର ଆର୍ଥିକ ନିବେଶ ଯାହା କାଳାନ୍ତରରେ ଗଣତନ୍ତ୍ରରେ ପୁଞ୍ଜିତନ୍ତ୍ରର ପୋଷଣ ହୋଇଥାଏ । ନିର୍ବାଚ଼ନୀ ବଣ୍ଡକୁ ନେଇ ଆଇନଗତ ପ୍ରାବଧାନ ହେଉଛି ଚ଼ାନ୍ଦା ଦେଉଥିବା ବ୍ୟକ୍ତି ଡିଜିଟାଲ ପଇଠ କରି ଷ୍ଟେଟ ବ୍ୟାଙ୍କରୁ ବଣ୍ଡ କ୍ରୟ କରିଥାଏ । ଆଇନ ଅନୁସାରେ ରାଜନୈତିକ ଦଳମାନେ ଓ ବ୍ୟାଙ୍କ ଚ଼ାନ୍ଦା ଦେଉଥିବା ବ୍ୟକ୍ତି ବାବଦରେ ସୂଚ଼ନା ଦେବାପାଇଁ ବାଧ୍ୟ ନୁହଁନ୍ତି ।ଷ୍ଟେଟବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥା କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା କାରଣରୁ ଶାସକ ଦଳ ଜାଣିପାରନ୍ତି ଯେ କେଉଁ ସଂସ୍ଥା/ବ୍ୟକ୍ତି କେଉଁ ବିରୋଧୀ ଦଳକୁ କେତେ ଚ଼ାନ୍ଦା ଦେଇଛନ୍ତି । ସରକାରୀ ଦଳକୁ ମିଳୁଥିବା ଚ଼ାନ୍ଦା ବାବଦରେ ବିରୋଧୀ ଦଳମାନେ ସଂପୂର୍ଣ୍ଣସୂଚ଼ନା ପାଇପାରନ୍ତି ନହିଁ। ଶାସକ ଦଳକୁ ଅଧିକ ଚ଼ାନ୍ଦା ମିଳିଥାଏ ଓ ଏହାର ଫାଇଦା ଶାସକ ଦଳ ଉଠାଇଥାଏ । ଏକ ତଥ୍ୟ ଅନୁସାରେ ନିର୍ବାଚ଼ନୀ ଚ଼ାନ୍ଦାରେ ମିଳୁଥିବା ଚ଼ାନ୍ଦାର ଦୁଇ ତୃତୀୟାଂଶ ଚ଼ାନ୍ଦା ଶାସକ ଦଳକୁ ମିଳୁଛି । ଏଣୁ ନିର୍ବାଚ଼ନ ମଧ୍ୟ ପ୍ରଭାବିତ ହେଉଛି । ଅପବିତ୍ର ସ୍ରୋତରୁ ଆସୁଥିବା ଅର୍ଥ ଗଣତନ୍ତ୍ରର ପବିତ୍ରତାକୁ ନଷ୍ଟ କରୁଛି । ଏଣୁ ସବୁଠାରୁ ବଡ କଥା ହେଉଛି ନିର୍ବାଚ଼ନୀ ଚ଼ାନ୍ଦା କେମିତି ଗଣତନ୍ତ୍ରର ପବିତ୍ରତାକୁ ପ୍ରଭାବିତ ନ କରିବ ସେ କଥା ଦେଖିବା ଆବଶ୍ୟକ । ଏବେ ଦେଶରେ ଏମିତି ଏକ ଅବସ୍ଥା ସୃଷ୍ଟି ହୋଇଛି ଯେ ନିର୍ବାଚ଼ନ କମିଶନଙ୍କ ଦ୍ୱାରା ଧାର୍ଯ୍ୟବ୍ୟୟର ସୀମାଠାରୁ ଅଧିକ ଅର୍ଥ ନିର୍ବାଚ଼ନରେ ପ୍ରାର୍ଥୀମାନେ ବ୍ୟୟ କରୁଛନ୍ତି । ଏ ବାବଦରେ ସମସ୍ତେ ଜାଣନ୍ତି । ପ୍ରାର୍ଥୀମାନେ ନିର୍ବାଚ଼ନରେ ଯେଉଁ ଅର୍ଥ ବ୍ୟୟ କରୁଛନ୍ତି ତାହା ଆସୁଛି କେଉଁଠୁ ?ଏସବୁ ବାବଦରେ ଲୋକଙ୍କର ଜାଣିବାର ଅଧିକାର ଅଛି ନା ନାହିଁ ସେବାବଦରେ ତର୍ଜମା କରାଯିବା ଆବଶ୍ୟକ। ଲୋକେ ସଚେତନ ହେବା ଜରୁରୀ ଏଥି ସହିତ ଚ଼ାନ୍ଦା ପ୍ରକ୍ରିୟାକୁ ପାରଦର୍ଶୀ କରାଯିବା ମଧ୍ୟ ଜରୁରୀ । ଏପ୍ରସଙ୍ଗରେ ଦେଶର ସବୁଠାରୁ ବଡ ଆଇନ ଅଧିକାରୀ ବା ଆର୍ଟର୍ଣ୍ଣି ଜେନେରାଲ ଦେଇଥିବା ମନ୍ତବ୍ୟ ଗଣତନ୍ତ୍ର ପାଇଁ ଝଟକା ନିଶ୍ଚୟ ।

ରାମଚ଼ନ୍ଦ୍ରପୁର
ରଣପୁର
ମୋ- ୯୪୩୮୪୮୫୦୯୪

# ମୁଁ ଯନ୍ତ୍ରଣା


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମହାଶୟ ଜୟ ଜଗନ୍ନାଥ ଦାରୁବ୍ରହ୍ମ ଆପଣଙ୍କର ପରିଚୟ ଓ କାର୍ଯ୍ୟକାରୀ କଣ କହିବେକି ? ପ୍ରିୟ ପାଠକଗଣ, ସମସ୍ତଙ୍କୁ ଯଥାମାନ୍ୟ ମୋର ସ୍ଥିତି ଅଦୃଶ୍ୟ ମୁଁ ଦୃଶ୍ୟ ହେଲେ, ପୋଲିସ ବାନ୍ଧିବ, ସୈନ୍ୟମାନେ ଗୁଳି ଟିପି ଦେବେ, ନେତାମାନେ ରାଜନୀତି କରିବେ। ଏ ପାଇଁ ଅଦୃଶ୍ୟ ଆପଣ ମାନଙ୍କର ଦାରୁବ୍ରହ୍ମ ପରି ମୋର ହାତ ନାହିଁ ପାଦନାହିଁ କି କୌଣସି ଅବୟବ ଧନ ମୁଣ୍ଡ ନାହିଁ। ତଥାପି ମୁଁ ଶକ୍ତିଶାଳୀ ମୁଁ ସୁଦର୍ଶନ ଚକ୍ର ନୁହେଁ ଅଦର୍ଶନ ଚକ୍ରର ଅଧିକାରୀ। ମୁଁ କାହା ପାଖରେ କେଉଁଠି କେତେବେଳେ କେମିତି ପହଞ୍ଚି ମୋର କାର୍ଯ୍ୟାରମ୍ଭ କରିବି ଏକଥା ମୁଁ ଜାଣେ, ମୁଁ ବି ହୁକୁମ ତାଲିମ କରୁଛି, ମୋର କିଛି ଦୟା ନାହିଁ ମାୟା ନାହିଁ। ପାଠକେ ଯାହାଙ୍କୁ ଯମ ଭାବୁଛ ମୁଁ ତାଙ୍କର ହୁକୁମ ତାମିଲ କରୁଛି ମାତ୍ର। ମୁଁ ଯମ ଭୈରବ ଗୋଷ୍ଠୀର ଅନ୍ତର୍ଭୁକ୍ତ। ମୋର ପୁଣି ଅନେକ ବର୍ଗୀକରଣ ଅଛି। ବ୍ୟକ୍ତିଗତ ଶାରିରୀକ ମାନସିକ ପରିବାରଗତ ସ୍ୱାମୀ-ସ୍ତ୍ରୀ, ବନ୍ଧୁବାନ୍ଧବ, ପଡ଼ୋଶୀ, ଜାତି, ଗୋଷ୍ଠୀଗତ, ଧର୍ମୀୟ ପରମପରା ଲୋକାଚାର, ସାମାଜିକ ଋତୁଗତ, ଭୋଜନ ପାନରେ ବ୍ୟତିକ୍ରମ ଶରୀରଚର୍ଯ୍ୟା, ଶରୀରର ରସରକ୍ତର ଅପବ୍ୟବହାର ନିଜର ବେପରୁଆ ଭାବ, ଅନ୍ୟଙ୍କୁ ଠିକ ନବୁଝି ପାରିବା ରାଜ ବିରୁଦ୍ଧ ହେବ। ଏପରି ଅନେକ ପ୍ରକାର ବର୍ଗୀକରଣ ଥିଲା ବେଳେ ଗୋଷ୍ଠୀଗତ ଭାଷାଗତ ସାଂସ୍କୃତିକ ସ୍ତର ସ୍ଥାନିତ ରାଜ୍ୟଗତ ଭାଷାଗତ ବୟସାଗତ ସମୟାନୁଗତି ଦେଶଗତ ମହାଦେଶଗତ ପୁଣି ପୃଥିବୀସ୍ଥ ସମସ୍ତ ଉପଭୋଗ ପ୍ରକୃତିସ୍ତର ରାଜନୈତିକ ସ୍ତରର ଆପନ ପର ଦଳ, ଶାସକ, ବିରୁଦ୍ଧ ଦଳ, ଗୋଷ୍ଠୀ ବିରୁଦ୍ଧ, ଗୋଷ୍ଠୀ ଛଡ଼ାରେ ସମୁହ ଯନ୍ତ୍ରଣା ରୂପେ ମୁଁ ଆସିପାରେ। ମୁଁ ଦୋଷୀ ବୋଲି ନିଜକୁ ଭାବେ ନାହିଁ। ମୁଁ ଲାଞ୍ଚ ଭିସା ପତ୍ରରେ ବଶୀଭୂତ ନୁହଁ। ମହଣ ମହଣ ଲଡୁପେଡ଼ା ମିଠା ଦେଇ ପୂଜା କଲେ ବି ମୋର ବଶୀଭୂତ ହେବାର ନାହିଁ। ତେବେ ମନ୍ତ୍ର ଔଷଧିରେ ମୁଁ ଉପଶମ ଦିଗକୁ ଆସିପାରେ ମାତ୍ର ସଞ୍ଜମ ନହେଲେ ଏବଂ କାମକୁ ଲାଗେ ନାହିଁ। ପୂଜ୍ୟପୂଜାର ବ୍ୟତିକ୍ରମରେ ବି ମୁଁ ମାରି ଆସେ ଲୋକ କିନ୍ତୁ ଆଖିବୁଜି ଏପରି କରିଚାଲୁଛନ୍ତି। ଏମିତି ସ୍ଥାନ ନାହିଁ ଯେଉଁଠି ଠାକୁରମାନେ ଗୁରୁ ଆଦେଶ କାମ କରୁନାହାଁନ୍ତି। ମାତ୍ର ଏବେ ଏସବୁ ହେୟ ଧ୍ୟେୟମରେ ପୂଜା ପାଠ ବେଖାତିର ଠାକୁର ଗୁରୁ ସତେ ଯେମିତି ନୌକରଚାକର, ଘରେ ଠାକୁର ଘର କରି ପରିବାର ସହିତ ସମୁହ ପ୍ରାର୍ଥନା ନାହିଁ। ପ୍ରାର୍ଥନା ହୃଦୟତନ୍ତ୍ରୀରେ ଆସୁଥିବା ରକ୍ଷା ତରଙ୍ଗ ଏବେ କେହି ବୁଝିବାକୁ ଅସମର୍ଥ। ମୁଁ ଜଳ ସେବକ ହେବି ଏ ସଂକଳ୍ପରେ ଜଣେ ନିଜ ଆଡୁ ପାର୍ଥିପତ୍ର ଦାଖଲ କରୁଛି ଅବଶ୍ୟ ତାର କିଛି ସମର୍ଥକ ତାକୁ ଅନୁମୋଦନ କରିବା ଦେଖାଯାଉଛି। ଆଶାୟୀ ଓ ତାଙ୍କର ସମର୍ଥକ କଣ ? ସମଗ୍ର ସ୍ଥାନଟିର ପ୍ରତିନିଧି କି ? ଜନ ସେବକ ହେବାକୁ ହେଲେ ରାସ୍ତାରେ ବିଜ୍ଞାପନ ଫଟୋ ଲଗାଇ ଦେଲେ ଲୋକ ଯେ ନିଜ ଲୋକ ଭାବିବେ ଏମିତି ନୁହଁ। ଲୋକଙ୍କ ପାଇଁ ଅଗ୍ନୀ ସ୍ଫୁଲିଙ୍ଗ ପରି ଏକରୁ ଅନେକ ଯାଏ କାମ କରିଯିବା ବ୍ୟକ୍ତି ହିଁ ଲୋକ ସମ୍ମତି ପାଇପାରନ୍ତି। ହୃଦୟ ଜିଣା ନେତା ହିଁ ପ୍ରକୃତରେ ଜନନେତା ହୋଇପାରନ୍ତି। ନଚେତ ଭୋଟ ବେଳେ ଅନେକ ପ୍ରତିଦ୍ୱନ୍ଦ୍ୱୀ ଠିଆ ହୋଇ ପରାସ୍ତ ଦିଗକୁ ନେଇପାରନ୍ତି। ତେଣୁ ବଚ୍ଛା ହୋଇବି ଗସ୍ତଖର୍ଚ୍ଚ ପାଇ ଘୁରି ଲୋକଙ୍କୁ ଭେଟି ହୁଏନାହିଁ। ଏଥିରେ ଜନନେତା କେମିତି ହେବାକୁ ହେବ। ଏଇଥିରୁ ଯନ୍ତ୍ରଣା ଆସିବ ହିଁ ଆସିବ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ଜାତୀୟ ପ୍ରେସ୍ ଦିବସର ଅନୁଚିନ୍ତା : ଆମ୍ଭର ରାଷ୍ଟ୍ରକୁ ଗଢିବା ନା ଭାଙ୍ଗିବା ?


ପ୍ରଦୀପ ସେନାପତି

ଗଣତନ୍ତ୍ର କେବଳ ଏକ ଶାସନ ବ୍ୟବସ୍ଥା ନୁହେଁ। ଏହା ଏକ ନୈତିକ ସିଦ୍ଧାନ୍ତ। ଏକ ମହ ୍ୱର ସାମାଜିକ ଜୀବନର ଧାରା। ବ୍ୟକ୍ତିକୁ ସମାଜ ସହିତ, ସମାଜକୁ ରାଷ୍ଟ୍ର ସହିତ ଏକ ସାମୁହିକ ସଦ୍‌ଭାବନାରେ ସଂଯୁକ୍ତ କରିବାରେ ଗଣତନ୍ତ୍ରକୁ ନୀତି ନିର୍ଦ୍ଧାରକ ସୂତ୍ର ଭାବରେ ଗ୍ରହଣ କରାଯାଇଥାଏ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଜନମଙ୍ଗଳ ରାଷ୍ଟ୍ରରେ ଜନଗଣଙ୍କ ସହିତ ଯୋଡ଼ିବାରେ "ଗଣମାଧ୍ୟମ" ହିଁ କେବଳ ଆମ୍ଭର ରାଷ୍ଟ୍ର ପାଇଁ ନୁହେଁ, ସମଗ୍ର ବିଶ୍ୱପାଇଁ ବାସ୍ତବ କ୍ଷେତ୍ରରେ ଏକ ପ୍ରକାର ସେତୁ ଅଟନ୍ତି। ଏହି ସେତୁବନ୍ଧନ ସୁଦୃଢ ତଥା ଅତୁଟ ରହିବାରେ ହିଁ ଗଣତନ୍ତ୍ରର ସଫଳତା ଭାବରେ ରାଷ୍ଟ୍ର ଅନୁଭବ କରିବ। ସେଥିପାଇଁ ଗଣମାଧ୍ୟମକୁ ସମଗ୍ର ବିଶ୍ୱରେ ଅଭିହିତ କରାଯାଇଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ। ଏହି ଚତୁର୍ଥ ସ୍ତମ୍ଭଟି କୌଣସି କାରଣ ବଶତଃ ନିଜର ମୌଳିକ ଗୁଣବ । ହରେଇ ଦୁର୍ବଳ ହୋଇଗଲେ ଗଣତନ୍ତ୍ରର ସ୍ଥିତି ବିପନ୍ନ ହୋଇପଡ଼ିବ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ଦୁଇ ପକ୍ଷ ଅର୍ଥାତ୍ ସରକାର - ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ସଂଯୋଜକର ଭୂମିକା ଗ୍ରହଣ କରେ। ମାତ୍ର ଏତଦ୍‌ବ୍ୟତୀତ ଆମ ସାଧାରଣ ଜନଜୀବନରେ ସଂଘଟିତ ଘଟଣା ବହୁଳ ଅଘଟଣ, ସୁଖ -ଦୁଃଖର ବର୍ଣ୍ଣନାତୀତ କାହାଣୀକୁ ନେଇ ମଧ୍ୟ ଲୋକଲୋଚନକୁ ଆଣି ଗଣ ମାଧ୍ୟମ ଏକ ପ୍ରଭାବଶାଳୀ ନେତୃତ୍ୱର ଭୂମିକା ଗ୍ରହଣ କରିଛି। ମୋର ସରକାରଙ୍କ ଠାରେ ପ୍ରଶ୍ନ ହେଉଛି, ଆମ୍ଭର ରାଷ୍ଟ୍ରକୁ ଗଢିବା ନା ଭାଙ୍ଗିବା ? ଏକ ସୁସ୍ଥ ସମାଜ ଗଠନ ଦିଗରେ ନିଜର ଦାୟୀତ୍ୱ ସମ୍ପାଦନ କରିବା ନା ଅସୁସ୍ଥତାର ସମସ୍ତ ଲକ୍ଷଣ, ବିଲକ୍ଷଣତାର ପ୍ରଚାର ପ୍ରସାର କରି ଜନମଙ୍ଗଳକାରୀ ସମାଜରେ କଳୁଷିତ ବାତାବରଣରେ ଏକ ନକରାତ୍ମକ ପରିବେଶ ସୃଷ୍ଟି କରିବା ? କ'ଣ ହେବ ଗଣମାଧ୍ୟମର ଭୂମିକା ? ଅବଶ୍ୟ ଗଢିବାକୁ ହେଲେ ଦୀର୍ଘ ମିଆଦି ସୂତ୍ର। ଭାଙ୍ଗିବାକୁ ହେଲେ ତତ୍‌କ୍ଷଣାତ୍ ହେବ। ଅସୁସ୍ଥତାର ଲକ୍ଷଣକୁ ଅଣଦେଖାକରି ସୁସ୍ଥତାର ବାହାନା କଲେ ଚଳିବ ନାହିଁ।

ସାମ୍ବାଦିକତାକୁ ଆଧାର କରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସଫଳ ନେତୃତ୍ୱ ଗ୍ରହଣ କରିଥିବା ଜାତିର ପିତା ମହାତ୍ମା ଗାନ୍ଧୀ କହିଥିଲେ, ସମ୍ବାଦପତ୍ରର ତିନୋଟି ଲକ୍ଷ୍ୟ ରହିବା ଉଚିତ। (୧) ପ୍ରକୃତ ଜନମତର ସଠିକ ଅଧ୍ୟୟନ (୨) ଦୁର୍ନୀତି ତଥା ସାମାଜିକ ଅବ୍ୟବସ୍ଥା ଇତ୍ୟାଦିର ନିର୍ଭୀକ ପରିବେଷଣ। (୩) ଗଠନମୂଳକ ଲେଖା ମାଧ୍ୟମରେ ଜନଜାଗରଣ ତଥା ଜନ ଅନ୍ଦୋଳନର ସୃଷ୍ଟି। ଅନେକ ଉଦାହରଣ ଇତିହାସରେ ଲିପିବଦ୍ଧ ଥିବାବେଳେ, ସଂକ୍ଷେପରେ ସୂଚାଇ ଦେବାକୁ ଉଚିତ ମନେ କରୁଛି। ଭାରତକୁ ଆସିବା ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା "ଇଣ୍ଡିଆନ୍ ଓପିନିଅନ୍"। ଭାରତକୁ ଫେରିବାପରେ ପ୍ରଥମେ ମାସିକ ଗୁଜୁରାଟୀ ପତ୍ରିକା 'ନବଜୀବନ' ପ୍ରକାଶନ ହାତକୁ ନେଇଥିଲେ। ଜନମଙ୍ଗଳ ପାଇଁ ଦୂରଦୃଷ୍ଟି ରଖି ଗାନ୍ଧିଜୀ ଓକିଲାତିକୁ ନିଜର ସତ୍ ଚରିତ୍ରବାନ ପେଶା କରିଥିଲେ ମଧ୍ୟ ସତ୍ ପରିମାର୍ଜୀତ ଭାବରେ ପର୍ଯ୍ୟବେକ୍ଷିତ ନିଶାଥିଲା ତାଙ୍କର ସାମ୍ବାଦିକତା ଏବଂ ଏହାକୁ ସାପ୍ତାହିକ ସମ୍ବାଦପତ୍ର କଲେ। ଏହା ସହିତ ଇଂରାଜୀ ମାସିକ 'ୟଙ୍ଗ ଇଣ୍ଡିଆ' ପ୍ରକାଶନ ଆରମ୍ଭ କରିଥିଲେ। ଏହା ପୂର୍ବରୁ 'ସତ୍ୟାଗ୍ରହ' ନାମରେ ଏକ ପତ୍ରିକା ସେତେବେଳର ସମୟରେ ସାଇକ୍ଲୋଷ୍ଟାଇଲ କରାଇ ସ୍ୱାଧୀନତା ସଂଗ୍ରାମର ସତ୍ୟାଗ୍ରହୀମାନଙ୍କ ପାଖରେ ପହ ।ଇବାର ସୁବ୍ୟବସ୍ଥା କରିଥିଲେ। ୧୯୩୦ରେ ଗାନ୍ଧିଜୀ ନିଜ ପତ୍ରିକାର ନାମ ବଦଳାଇ 'ହରିଜନ' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ କଲେ। ଗାନ୍ଧିଜୀଙ୍କ ବ୍ୟତୀତ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ଜନନେତାଙ୍କ ମଧ୍ୟରେ ଥିଲେ ଅନେକ ସାମ୍ବାଦିକ। ପଞ୍ଜାବ କେଶରୀ ଲାଲା ଲଜପତ ରାୟ, ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ, ଦେଶବନ୍ଧୁ ଚିତରଞ୍ଜନ, ଯୋଗୀ ଶ୍ରୀ ଅରବିନ୍ଦ, ରାଜଗୋପାଳ ଚାରୀ, ନେତାଜୀ ସୁଭାଷ ଚନ୍ଦ୍ର, ଉତ୍କଳମଣି ଗୋପବନ୍ଧୁ, ହରେକୃଷ୍ଣ ମହତାବ, ରାଧାନାଥ ରଥ, ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଅଟଳ ବିହାରୀ ବାଜପେୟୀ ପ୍ରଭୃତିଙ୍କ ନାମ ଆଜି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଅଟେ। ଦେଶବାସୀଙ୍କ ସ୍ମରଣକୁ ଆସେ ଏହିଭଳି ଯୋଗଜନ୍ମା ମହାପୁରୁଷଙ୍କ ନାମ। ଯେଉଁମାନଙ୍କର ସାରା ବିଶ୍ୱରେ ପରିଚିତ ରହିଥିଲା। ସ୍ୱାଧୀନତା ପରେ ଗଣତାନ୍ତ୍ରିକ ଭାରତବର୍ଷକୁ ଦୃଢ ଶକ୍ତିଶାଳି କରି ଗଢିବା ଦିଗରେ ସାମ୍ବାଦିକମାନଙ୍କର ଭୂମିକା ଅଧିକ ଗୁରୁତ୍ୱ ପୂର୍ଣ୍ଣ ହୋଇପଡ଼ିଛି। ସାମ୍ବାଦିକମାନେ ସେହି ଭୂମିକାକୁ ଯଥାର୍ଥ ଭାବରେ ଗୁରୁ ଦାୟୀତ୍ୱ ବୋଲି ତୁଲାଇଲେ ହିଁ ଗଣ ମାଧ୍ୟମର ଲକ୍ଷ ସାଧନହେବା ସହିତ କିଭଳି ଭାବରେ ଏହାର ଗାରିମା ଅକ୍ଷୁର୍ଣ୍ଣ ରହିବ ତାହା ସାମ୍ବାଦିକମାନେ ସିଦ୍ଧାନ୍ତ ଗ୍ରହଣ କରିବେ ବୋଲି ମୋର ଦୃଢ ବିଶ୍ୱାସ ଅଛି। ପୁରାଣଯୁଗର କଥାକୁ ସୂଚାଇ ଦେବାକୁ ଚାହୁଁଛି। ସାମ୍ବାଦିକମାନଙ୍କୁ ପୁରାଣ ଯୁଗରେ ମହର୍ଷି ଦେବର୍ଷୀ ନାରଦ ରୂପରେ ଅବତୀର୍ଣ୍ଣ କରାଯାଇଥିଲା ଏବଂ ଦେବତାମାନଙ୍କ ପାଇଁ ଦେବର୍ଷୀ ନାରଦ ମଧ୍ୟ ଶୁଭ ଉପଦେଷ୍ଟା ଭାବରେ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ, ଦେବତାମାନେ ମଧ୍ୟ ଦେବର୍ଷୀଙ୍କ ଉପଦେଶକୁ ସଦା ସର୍ବଦା ପାଳନ କରୁଥିଲେ। ସେତେବେଳେ ସାମ୍ବାଦିକ ମାନଙ୍କର କୌଣସି ସଂଗୀନ ସମସ୍ୟା ନଥିଲା। କିନ୍ତୁ, ଆଜିର ଯୁଗରେ ସାରା ବିଶ୍ୱ ଏବଂ ଭାରତବର୍ଷ ଏକ ଗଣମାଧ୍ୟମର ଯୁଗ ଭାବରେ ପରିଗଣିତ ହେଉଛି। ଯାହାକି ଆଜି ଏହି ମାଧ୍ୟମରେ ଦେଶର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ହୋଇପାରୁଛନ୍ତି। ପ୍ରଧାନମନ୍ତ୍ରୀ କରାଇବା ପଛରେ ପ୍ରମୁଖ ଭୂମିକା କେବଳ ଗଣମାଧ୍ୟମ ହିଁ ନିର୍ବାହ କରିଥାଏ। ଗଣମାଧ୍ୟମ ହିଁ ଜନ ସାଧାରଣଙ୍କୁ ପ୍ରଭାବିତ କରି ୫୦ ଭାଗ ଭୋଟ ସଂଗୃହୀତ କରିଥାଏ। ଆହୁରି ମଧ୍ୟ ସମସ୍ତେ ଜାଣିଛନ୍ତି ଯେ, ଗଣମାଧ୍ୟମ ଚାହିଁଲେ ଗୋଟିଏ ସରକାରକୁ ଭାଙ୍ଗିଦେଇପାରେ, ଗଢିଦେଇ ପାରେ ଏବଂ ବଦଳାଇଦେଇପାରେ। ଏହାକୁ ମଧ୍ୟ ଆନ୍ତରିକତାର ସହିତ ହୃଦୟଙ୍ଗମ କରି ଭାରତରତ୍ନ ଅଟଳବିହାରୀ ବାଜପେୟୀ ଥରେ ପୁରୀ ସମ୍ମିଳନୀରେ ମତପ୍ରକାଶ କରିଥିଲେ। ତାହା ମଧ୍ୟ ନରେନ୍ଦ୍ର ମୋଦି ସରକାରଙ୍କ ପାଖରେ ଏହା ପରିଲକ୍ଷିତ ହୋଇଛି। ତେଣୁ ଆଜିର ଯୁଗରେ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମ୍ବାଦିକମାନଙ୍କ ପ୍ରତି ସରକାର ଉଦାସୀନ କାହିଁକି ବୋଲି "ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ" ପକ୍ଷରୁ ଆମର ପ୍ରଶ୍ନ ? ଏବେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଷ୍ପ ି ନିଆଯାଇଥିବା ସାମ୍ବାଦିକମାନଙ୍କର ଚିହ୍ନଟ ପ୍ରକ୍ରିୟା ତାଲିକା ତ୍ୱରାନ୍ୱୀତ ହୋଇ ନଥିବା ବେଳେ ସ୍ୱାସ୍ଥ୍ୟବୀମା ଯୋଜନା ପ୍ରଥମେ ଦୁଇଲକ୍ଷ ଏବଂ ପରେ ପା ଲକ୍ଷ ଟଙ୍କା ଘୋଷଣା କରି ସାମ୍ବାଦିକମାନଙ୍କୁ ଉପହାସ କରିଛନ୍ତି। ରାଜ୍ୟର ସମସ୍ତ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ଚିହ୍ନଟ ତାଲିକା ପ୍ରସ୍ତୁତ ହୋଇନାହିଁ। ତରବରିଆ ଭାବରେ ସ୍ୱାସ୍ଥ୍ୟବୀମା ଯୋଜନା ପା ଲକ୍ଷ ଘୋଷଣା କରିବା ଯଥାର୍ଥ ଦାବୀ ନୁହେଁ, ତାହାକୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଦୃଢ ଦାବି କରୁଅଛୁ। ସାଧାରଣ ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ସାତଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଯୋଜନା ଘୋଷଣା କରିଥିବା ବେଳେ, କେଉଁ ବିଚାରଧାରାରେ ସାମ୍ବାଦିକମାନଙ୍କୁ ଅପମାନିତ କରୁଛନ୍ତି ତାହା ଆମେ ମର୍ମାହତ। ସାମ୍ବାଦିକମାନଙ୍କୁ ଅବସର ପରେ ଟଙ୍କାଟିଏ କେହି ଦିଅନ୍ତି ନାହିଁ। ସମାଜସେବା କ୍ଷେତ୍ରରେ ମର୍ଯ୍ୟଦା ସମ୍ପନ୍ନ ଦୃଷ୍ଟିରୁ ଦରମା ମଧ୍ୟ ପାଆନ୍ତି ନାହିଁ। ଯାହା ବିଶ୍ୱରେ କୌଣସି ଦେଶରେ ଏଭଳି ଉଦାସୀନତା ଦେଖାଯାଏ ନାହିଁ। ତେଣୁ ସାମ୍ବାଦିକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାସକୁ ୨୫ ହଜାର ଟଙ୍କା ପେନ୍‌ସନ୍, ୫୦ଲକ୍ଷଟଙ୍କା ପର୍ଯ୍ୟନ୍ତ ଗୃହରଣ ବ୍ୟବସ୍ଥା କରିବା ସହିତ ସେଥିମଧ୍ୟରୁ ୨୦ ଭାଗ ଗୃହରଣ ଛାଡ଼ କରିବା ପାଇଁ ଏହି ଦିବସରେ ଅନୁରୋଧ କରୁଅଛୁଁ। ସାମ୍ବାଦିକ ପେନ୍‌ସନ୍ କାର୍ଡ଼ ପ୍ରଦାନ, ସାମ୍ବାଦିକ ସଂଘ ମାଧ୍ୟମରେ କେନ୍ଦ୍ରସରକାର କମିଟି ଗଠନ କରି ଚିହ୍ନଟ ତାଲିକା ଚୁଡ଼ାନ୍ତ କରାଯାଉ। ଟ୍ରେନ୍‌ରେ ୫୦ଭାଗ ରହିାତି ଦେବା ଆଦି ମୌଳିକ ଦାବିଗୁଡ଼ିକୁ ସହୃଦୟରତାର ସହିତ ହୃଦୟଙ୍ଗମ କରି ଉପଯୁକ୍ତ ତଥା ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଷ୍ପ ି ନେବାପାଇଁ ପୁଣି ଥରେ ଜାତୀୟ ପ୍ରେସ୍ ଦିବସ ଅବସରରେ ବିନମ୍ର ଅନୁରୋଧ କରୁଅଛୁ। ପରିଶେଷରେ, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ ପକ୍ଷରୁ ସମସ୍ତ ଗଣମାଧ୍ୟମକୁ ଆନ୍ତରିକତାର ସହିତ ଅଭିନନ୍ଦନ ଜଣାଉଅଛି।

*ରାଜ୍ୟ ସଭାପତି*
*ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ*
*ଜାତୀୟ ସ୍ତରର ସାମ୍ବାଦିକ, ଇଣ୍ଡିଆନ*
*ନିୟୁଜ ସାଇଟ, ଆନ୍ତର୍ଜାତୀୟ*
*ସ୍ତମ୍ଭକାର, ସାମନ୍ତରାପୁର, ପୁରୁଣା*
*ଭୁବନେଶ୍ୱର - ୨, ଜିଲ୍ଲା - ଖୋର୍ଦ୍ଧା,*
*ମୋ - ୭୮୪୮୮୯୮୪୫୬*

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା


ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ। ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'ଘ' ଅକ୍ଷରଟି ଘକ୍ଟଷ୍ୱଷଷ ବା ଉ ର ଦିଗ, 'ର' ଅକ୍ଷରଟି ରବଷ୍ୱଷ ବା ପୂର୍ବ ଦିଗର ପ୍ରତୀକ, 'ଡ' ବର୍ଣ୍ଣଟି ପଶ୍ଚିମ ଦିଗ ବା ଡରଷ୍ୱଷ ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଝ ବା South କୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କ ୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକ ।ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେ ।ନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବ ।ଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉ ର ଦାୟିତ୍ୱ ସବୁଠାରୁ ବେଶୀ। ବ ର୍ମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବ ୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବ ର୍ନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବ ର୍ନ ଘଟିଲା। ଗାନ୍ଧୀଜୀ ପା ଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବ ର୍ମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବ ର୍କା। ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

**ପାରାଦ୍ୱୀପଗଡ, କୁଜଙ୍ଗ,**
**ଜଗତ୍‌ସିଂହପୁର**
**ମୋ.ନଂ. - ୯୯୩୭୬୯୧୪୭୫**




# ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ ଦୁଇ ଦୁଇ ଥର ପତ୍ର ଲେଖାଯିବା ପରେ ମଧ୍ୟ ଓଡ଼ିଶା ସରକାର ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସଇଏଲ) ସହ ବୁଝାମଣା ପତ୍ର ସ୍ୱାକ୍ଷରିତ (ଏମଓୟୁ) କରିନାହାନ୍ତି । ଏହି ମର୍ମରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତୃତୀୟ ଥର ପାଇଁ ପତ୍ର ଲେଖି ରାଜ୍ୟରେ ପିଏମ ଶ୍ରୀ ଯୋଜନା ଲାଗୁ କରିବା ତଥା ଏମଓୟୁ ସ୍ୱାକ୍ଷରିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ସମଗ୍ର ଦେଶରେ ୧୪ ହଜାର ୫୦୦ ରୁ ଅଧିକ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ (ପିଏମ ଶ୍ରୀ ସ୍କୁଲ) ପ୍ରତିଷ୍ଠାର ଲକ୍ଷ୍ୟ ନେଇ ୨୦୨୨ ସେପ୍ଟେମ୍ବର ୭ରେ ପିଏମ ଶ୍ରୀ ଯୋଜନାର ଶୁଭାରମ୍ଭ ହୋଇଥିଲା । ଏହି ସ୍କୁଲ ଗୁଡିକ ଜାତୀୟ ଶିକ୍ଷା ନୀତିର ପୂର୍ଣ୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ । ଏହା, ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବରେ କାର୍ଯ୍ୟ କରିବ । ପିଏମଶ୍ରୀ ସ୍କୁଲ ଗୁଡିକ ଉତ୍ସାହଭରା ପରିବେଶରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ । ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସହ ଏମୟଓୁ ସ୍ୱାକ୍ଷର କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଅନୁରୋଧ କରାଯାଇଥିଲା । ବର୍ତ୍ତମାନ ସୁଦ୍ଧା ପ୍ରାୟ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଏହି ଏମଓୟୁ ସ୍ୱାକ୍ଷରିତ କରିସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଚୟନ ସମ୍ପୂର୍ଣ୍ଣ ହୋଇସାରିଛି । ପିଏମ ଶ୍ରୀ ସ୍କୁଲ ଯୋଜନାର କ୍ରିୟାନ୍ୱୟନ ପାଇଁ ପ୍ରଥମ କିସ୍ତି ମଧ୍ୟ ଜାରି ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ପିଏମ ଶ୍ରୀ ସ୍କୁଲ ପାଇଁ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ଓଡ଼ିଶା ଏପର୍ଯ୍ୟନ୍ତ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ କରିନାହିଁ । ଏଥିପାଇଁ ପୂର୍ବରୁ ଗତ ଅକ୍ଟୋବର ୯ ଏବଂ ମାର୍ଚ୍ଚ ୧୩ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରାଯିବା ସତ୍ତ୍ୱେ ଏମଓୟୁ ସ୍ୱାକ୍ଷରିତ ହୋଇନାହିଁ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡି ପ୍ରତିଯୋଗିତା ଉଦ୍‌ଘାଟିତ

ବାରିପଦା,(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ପୁରୁଷ କବାଡି ପ୍ରତିଯୋଗିତା ଉଦ୍?ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖେଳାଳୀମାନଙ୍କ ପ୍ୟାରେଡ୍ ଅଭିବାଦନ ଗ୍ରହଣ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ପୋଲିସ୍ ଦ୍ୱାରା ବ୍ୟାଣ୍ଡ ପରିବେଷଣ କରାଯାଇଥିଲା । ନିଜ ଅଭିଭାଷଣରେ ପ୍ରଫେସର ତ୍ରିପାଠୀ ଦ୍ୱିତୀୟଥର ପାଇଁ ଏଭଳି ପ୍ରତିଯୋଗିତାର ଆୟୋଜନ ପାଇଁ ଗର୍ବ ଅନୁଭବ କରିବା ସହିତ ପୂର୍ବ ଭାରତରୁ ଯୋଗ ଦେଇଥିବା ସମସ୍ତ ଖେଳାଳୀ ଓ କ୍ରୀଡା ଅଧିକାରୀଙ୍କୁ ଏହି କ୍ରୀଡା ମହାକୁମ୍ଭରେ ଯୋଗଦାନ କରିଥିବା ହେତୁ ଧନ୍ୟବାଦ ଦେଇଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଶୃଙ୍ଖଳା ହିଁ ଖେଳାଳୀର ଭୂଷଣ ବୋଲି ମତପୋଷଣ କରିଥିଲେ । ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ । ବିତ୍ତ ନିୟନ୍ତ୍ରକ ଶ୍ରୀ ଶୁକଦେବ ତରେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କ୍ରୀଡା ପରିଷଦର ସଂପାଦକ ଡ. ପ୍ରଭଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ସହଯୋଗୀ ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡା ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ଦିନର ଖେଳରେ ଖବର ହସ୍ତଗତ ହେବା ପର୍ଯ୍ୟନ୍ତ ଗ୍ରୁପ୍ ଏ ରେ କଲିକତା ବିଶ୍ୱବିଦ୍ୟାଳୟ ୬୮-୩୨ରେ ଗୁରୁଘାସିଦାସ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ଡ. ଶ୍ୟାମପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ୍ ୱାକ୍‌ଓଭର ପାଇଥିଲେ । ଗ୍ରୁପ୍ ବି ରେ ବିନୋଦ ବିହାରୀ ମାହତ କୋୟଲାଞ୍ଚଳ ବିଶ୍ୱବିଦ୍ୟାଳୟ, ଯାଦବପୁର ବିଶ୍ୱବିଦ୍ୟାଳୟ ୱାକ୍?ଓଭର ପାଇଥିଲେ । ଗ୍ରୁପ୍ ସି ବିଭାଗରେ ପଣ୍ଡିତ ରବିଶଙ୍କର ଶୁକ୍ଲା ବିଶ୍ୱବିଦ୍ୟାଳୟ ୪୩-୧୬ରେ ପଶ୍ଚିମ ବଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଓ ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ ଓ ବିନୋବା ଭାବେ ବିଶ୍ୱବିଦ୍ୟାଳୟ ୱାକ୍‌ଓଭର ପାଇଥିଲେ । ଗ୍ରୁପ୍ ଡି ରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ଦୁର୍ଗ୍ ୪୧-୧୯ରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟକୁ, ଏମ୍.ଜି. କାଶୀ ବିଦ୍ୟାପୀଠ ୪୮-୧୫ରେ ମଗଧ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଥିଲା । ଦୀନଦୟାଲ ଉପାଧ୍ୟାୟ ଗୋରଖପୁର ବିଶ୍ୱବିଦ୍ୟାଳୟ ଓ ସିଦୋ କାହ୍ନୁ ମୁର୍ମୁ ବିଶ୍ୱବିଦ୍ୟାଳୟ ୱାକ୍‌ଓଭର ପାଇଥିଲେ । ବାରିପଦା ତଥା ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ଥର ପାଇଁ ଏଭଳି ଏକ କ୍ରୀଡା ମହାକୁମ୍ଭର ଆୟୋଜନ କରିଥିବାରୁ ଛାତ୍ରଛାତ୍ରୀଗଣ ଓ ମୟୂରଭଞ୍ଜର କ୍ରୀଡାପ୍ରେମୀଗଣଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା । କ୍ରୀଡା ଶିକ୍ଷକ ଶ୍ରୀ ପ୍ରଦୀପ୍ତ ରଞ୍ଜନ ଦାସ ଓ ଓଡିଶା ରାଜ୍ୟର ସ୍ୱୀକୃତିପ୍ରାପ୍ତ ବିଭିନ୍ନ କ୍ରୀଡା ଅଧିକାରୀ, ବିଶ୍ୱବିଦ୍ୟାଳୟର ଅନୁବନ୍ଧିତ ମହାବିଦ୍ୟାଳୟର କ୍ରୀଡା ଶିକ୍ଷକଗଣ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ କର୍ମକର୍ତ୍ତାଗଣ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ସନ୍ଧ୍ୟାରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି । 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି । ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି । ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି । ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ । ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ । ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ । ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ । ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ । ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୂଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ । ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ । ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି । ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ । ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି । ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି । କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି । ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ । ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା । କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୂତ ହୋଇଛି । ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି ।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି । ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି । ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି । ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ । ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି । ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି । ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଷଙ୍କକ୍ଷ୍ୱ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି । ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି । ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି । ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ । ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚାମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ । ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ । ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି । ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି । ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ । ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ । ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ । ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି । ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି । ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତ୍ତାବହ ହେବାକୁ ପଡ଼ିବ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଣ୍ଠକ୍ଷ୍ୱ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ । କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି । ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି । ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି । ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି । ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ । 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି ।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି । ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ । ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା । ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି ।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି । ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି । ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି । ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି । ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି । ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷ୍ୱ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି । ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି । ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି । କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି । ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ । ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ । ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି । ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷ୍ୱ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି । ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି । ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି ।

**ପୁରୀରେ ସମବାୟ ରଥର ଶୁଭାରମ୍ଭ**

ପୁରୀ, (ପି.ଏନ): ୭୦ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ଅବସରରେ ସମବାୟ ବିଭାଗ ପୁରୀ ବିଭାଜନ ପକ୍ଷରୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଦୁଇଟି ସମବାୟ ରଥର ଶୁଭାରମ୍ଭ କରାଯାଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସମବାୟ ଆନ୍ଦୋଳନକୁ ଆହୁରି କ୍ରିୟାଶୀଳ କରିବାରେ ଏହା ସହାୟକ ହେବ ବୋଲି କହିଥିଲେ । ଆମ ରାଜ୍ୟ ଓ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ସମବାୟର ବଡ ଯୋଗଦାନ ରହିଛି । ଏହା ଆହୁରି ଅଧିକ ସମ୍ପ୍ରସାରିତ କରିବା ଉଦ୍ଦେଶ୍ୟରେ ଏହି ରଥ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକ ପରିକ୍ରମଣ କରି ଲୋକଙ୍କୁ ସଚେତନ କରିବ ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ ।




# ଶକ୍ତି ପରମ୍ପରାରେ ବିରଜା ପୁସ୍ତକ ଉନ୍ମୋଚିତ

ଯାଜପୁର (ପିଏନ୍): ଓଡ଼ିଶା ସରକାରଙ୍କ ରାଜ୍ୟ ପାଠ୍ୟ ପୁସ୍ତକ ପ୍ରକାଶନ ଓ ପ୍ରଣୟନ ସଂସ୍ଥା ଦ୍ୱାରା ପ୍ରକାଶିତ ବିରଜା ସଂସ୍କୃତି ଗବେଷକ ଡଃ ଜ୍ଞାନରଂଜନ ପତିଙ୍କ ରଚିତ ପୁସ୍ତକ 'ଶକ୍ତି ପରମ୍ପରାରେ ବିରଜା' ଶୀର୍ଷକ ପୁସ୍ତକ ଲୋକାର୍ପଣ ଉତ୍ସବକୁ ଉଦ୍‌ଘାଟନ କରି ଡଃ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କୁଳାଧିପତି ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର ବିରଜା ହିଁ ଭାରତୀୟ ଶାକ୍ତ ଚେତନାର ଅଦ୍ୟ ପ୍ରକାଶ ଅଟନ୍ତି ବୋଲି କହିଥିଲେ। 'ଯଜ୍ଞ ପ୍ରଭା'ର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଯାଜପୁରର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନି କକ୍ଷରେ ରବିବାର ଦିନ ଏହି ଲୋକାର୍ପଣ ସମାରୋହରେ ମୁଖ୍ୟ ଅତିଥିରୂପେ ଯୋଗଦେଇ କହିଥିଲେ ପ୍ରାଚୀନ ତିର୍ଥ କ୍ଷେତ୍ର ଯାଜପୁର ପ୍ରାଚୀନତମା ବିରଜା ଦେବୀଙ୍କ ପାଇଁ ଭୂବନ ବିଦିତ ଅଟେ। ସାରସ୍ୱତ ସାଧକ ତଥା ଭାଷା ବିଷାରଦ ଡଃ ଅନ୍ତର୍ଯ୍ୟାମୀ ମିଶ୍ର ପୁସ୍ତକ ଲୋକାର୍ପଣ ଉତ୍ସବରେ ଯୋଗଦେଇ ବିରାଜ ପୀଠ ହେଉଛି ଭାରତର ଅଦ୍ୟା ଶକ୍ତି ପୀଠ ଭାବେ ସୁପ୍ରସିଦ୍ଧ ଅଟେ। ଅଦ୍ୟା ଶକ୍ତି ବିରଜାଙ୍କ ମହିମା ତଥା ରହସ୍ୟ ଜାଣିବାରେ ଡଃ ପତିଙ୍କ ପୁସ୍ତକ ହିଁ ପାଠକରି ଗବେଷକ ମାନଙ୍କର ଅନେକ ସଂଶୟ ଦୂର କରିପାରିବ। ପୁସ୍ତକ ପ୍ରକାଶ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ଧଳ ଯୋଗଦେଇ କହିଥିଲେ ଏହି ପୁସ୍ତକ ଯାଜପୁରବାସୀଙ୍କ ଘରେ ରହିବା ଉଚିତ। ଯାଜପୁରର ଐତିହ୍ୟ ସଂସ୍କୃତି ବିଷୟରେ ଏହିଭଳି ଗ୍ରନ୍ଥର ଆବଶ୍ୟକତା ରହିଛି ବୋଲି କହିଥିଲେ। ପୁସ୍ତକର ଲେଖକ ଡଃ ଜ୍ଞାନରଂଜନ ପତି ନିଜ ପୁସ୍ତକର ପ୍ରତି ପାଦ୍ୟ ବିଷୟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଏହି ପୁସ୍ତକଟି ମା'ବିରଜାଙ୍କର ମହିମା ପ୍ରସାର ତଥା ଛାତ୍ର, ଗବେଷକ ପାଠକମାନଙ୍କର ସଂଶୟ ଦୂର କରିପାରିବେଲ ଶ୍ରମ ସାର୍ଥକ ହେବ। ବରେଣ୍ୟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ବିରଜା ଭୂମି ଯାଜପୁରର ଐତିହ୍ୟ ଓ ସଂସ୍କୃତିର ପ୍ରସାର ନିମନ୍ତେ ବିଦ୍ୟ ବିଦ୍ୱାନ ମାନେ ସତ୍‌ଚେଷ୍ଟା ହେବା ବୋଲି କହିଥିଲେ। ସଭାପତି ପଣ୍ଡିତ ଭୂପତି ଭୂଷଣ ମିଶ୍ର ପ୍ରତ୍ୟେକ ଯାଜପୁର ବାସୀ ମା'ବିରଜା ତଥା ଜନ୍ମ ମାଟିର ପ୍ରଚ୍ଚର ଓ ପ୍ରସାର ନିମନ୍ତେ ବ୍ରତୀ ହେବା ଉଚତ୍ ବୋଲି କହିଥିଲେ। ସମାରୋହର ପ୍ରାରମ୍ଭରେ ପଣ୍ଡିତ ଅନିରୁଦ୍ଧ ପଣ୍ଡା ବେଦପାଠ କରିଥିବା ବେଳେ ମିନକେତନ ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିବୃନ୍ଦ ଡଃ ପତିଙ୍କ ଶକ୍ତି ପରମ୍ପରା ପୁସ୍ତକଟିକୁ ଲୋକାର୍ପିତ କରିଥିଲେ। ପଣ୍ଡିତ ଗଦାଧର କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ଯାଜପୁର ବରିଷ୍ଠ ବୁଦ୍ଧିଜୀବୀ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କ ସହିତ ବନବିହାରୀ ମହାପାତ୍ର, ନୃସିଂହ ଚରଣ ମହାପାତ୍ର, ଆନନ୍ଦ ଚରଣ ସାହୁ, ନିତ୍ୟାନନ୍ଦ ପଣ୍ଡା, ହରିହର ସ୍ୱାଇଁ, ପଣ୍ଡିତ ପ୍ରମୋଦ ଦାଶ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ପ୍ରମୋଦ କୁମାର ନାୟକ, ବୈଦ୍ୟନାଥ ପଣ୍ଡା, ପାଣ୍ଡବ ଚରଣ ସାହୁ, କ୍ଷୀରୋଦ ଚନ୍ଦ୍ର ପାଠୀ, ଅଜୟ କୁମାର ନନ୍ଦ, ମନୋରଂଜନ ପତି, ପଣ୍ଡିତ କୃଷ୍ଣ ଚନ୍ଦ୍ର ମିଶ୍ର, ନବକିଶୋର ଦାଶ, ଅଖିଳ ଦାଶ, ଆଡ୍‌ଭୋକେଟ୍ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ପ୍ରଫେସର ବଟକୃଷ୍ଣ ମହାପାତ୍ର, ନଟବର ଦାସ, ରମାକାନ୍ତ ବରାଳ, ରବିନ୍ଦ୍ର କୁମାର ପରିଡ଼ା, ସୁଧାଂଶୁ ଶେଖର ପତି, ଗଣେଶ ଚନ୍ଦ୍ର ପାଣିଗ୍ରାହୀ, ପଣ୍ଡିତ ବାସୁଦେବ ମିଶ୍ର, ପଣ୍ଡିତ ବସନ୍ତ କୁମାର ପତି, ହରେକୃଷ୍ଣ ପାଣିଗ୍ରାହୀ, ତପନ କୁମାର ମହାରଣ୍ୟ, ରବିପ୍ରସାଦ ସାମଲ, ନିହାର ରଂଜନ ପତି, ପ୍ରମୋଦ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗଦେଇଥିଲେ। ଆରମ୍ଭରେ ସଂଗୀତ ନିର୍ଦ୍ଦେଶକ ଦିନେଶକୁମାର ମଲ୍ଲିକଙ୍କ ନିର୍ଦ୍ଦେଶନାରେ ମା'ବିରଜାଙ୍କ ଭକ୍ତି ସଂଗୀତ ଗାନ କରାଯାଇଥିଲା।

# ପାରାଦୀପ ବନ୍ଦର ପକ୍ଷରୁ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ପକ୍ଷରୁ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଯାଜପୁର ଜିଲ୍ଲା ଲଙ୍ଗୁଳି ମଠ ଠାରେ ଆୟୋଜିତ ହୋଇଯାଇଛି । ଏହି ଶିବିରକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଓଳାସୁଣୀର ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ୍, ଓଳାଶୁଣୀ ଗୁଂଫା ଉନ୍ନୟନ ଟ୍ରଷ୍ଟ ଓ ଶ୍ରୀ ସତ୍ୟସାଇ ସେବା ସମିତି,ପଲେଇ ସହଯୋଗରେ ଏହି ମାଗଣା ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା । ବାଲିଚନ୍ଦ୍ରପୁରର ତହସିଲଦାର ତଥା ସଭାପତି ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ୍ ପ୍ରଦୀପ କୁମାର ସେଠୀ, ସତ୍ୟସାଇ ସେବା ସମିତି ପଲେଇର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ପାରାଦୀପ ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ, ପାରାଦୀପ ଲେଡିଜ୍ କ୍ଲବ୍‌ର ଉପସଭାନେତ୍ରୀ ସୁଚିସ୍ମିତା ବୋଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପାରାଦୀପ ବନ୍ଦରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରହଲ୍ଲାଦ ପଣ୍ଡାଙ୍କ ସମେତ ପାରାଦୀପ ବନ୍ଦରର ଚିକିତ୍ସକ ଓ ସହଯୋଗୀମାନେ ହଜାରେରୁ ଊର୍ଦ୍ଧ୍ୱ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଶିବିରାର୍ଥୀମାନଙ୍କର ଇସିଜି ଓ ରାପିଡ୍ ଗ୍ଲୁକୋଜ୍ ଟେଷ୍ଟ କରିଥିଲେ । କୋଭିଡ୍-୧୯ର ନିୟମାବଳୀ ପାଳନ କରାଯାଇ ଏହି ଶିବିରର ଆୟୋଜନ କରାଯାଇଥିଲା । ପାରାଦୀପ ବନ୍ଦର ତାର ସିଏସ୍‌ଆର୍ ଦାୟିତ୍ୱବୋଧ ପାଳନ କରି ଅଂଚଳବସୀଙ୍କ ସେବା ପାଇଁ ସବୁବେଳେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଆସିଛି ବୋଲି ବନ୍ଦର ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ । ଏହି ଧାରା ଆଗାମୀ ଦିନରେ ବଜାୟ ରହିବ ବୋଲି ଶ୍ରୀ ହରନାଦ କରିଛନ୍ତି ।

## ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଗାଇବା ପାଇଁ ଦାବି



ଫୁଲନଖରା (ପିଏନ୍)-ବାରଙ୍ଗ ବ୍ଲକ ହରିଅନ୍ତା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଥିବା ଗରିବ ତଥା ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ଏ ନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ପ୍ରତିନିଧି ଦଳ ବିଡ଼ିଓ ପ୍ରଭାକର ପଣ୍ଡାଙ୍କୁ ସାକ୍ଷାତ କରି ପଞ୍ଚାୟତର କିଛି ସମସ୍ୟା ବାବଦରେ ଆଲୋଚନା କରିବା ସହିତ ୬୮ଜଣ ହିତାଧିକାରୀଙ୍କ ନାମ ତାଲିକା ସମ୍ବଳିତ ଆବେଦନ ପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଶିଶୋ ଗ୍ରାମରେ ଥିବା ଗୋଚର କିସମ ଜମିରେ ପ୍ରସ୍ତାବିତ ନୂତନ ଶ୍ମଶାନ ନିର୍ମାଣ ନକରି ପୂର୍ବରୁ ଥିବା ପୁରାତନ ଶ୍ମଶାନର ଉନ୍ନତିକରଣ ପାଇଁ ସଦସ୍ୟମାନେ ଦାବି କରିଥିଲେ। ଏହି ଅବସରରେ କେଦାରନାଥ ଜେନା, ସାଗରିକା ନାଥ, ଶରତ ପ୍ରଧାନ, ତପନ ସ୍ୱାଇଁ, ପ୍ରଦୀପ ସାହୁ, ଯତୀନ ସାମନ୍ତରାୟ, ମନୋରଂଜନ ପଣ୍ଡା, ବାବୁଲି ପଟ୍ଟନାୟକ, ବିନୟ ସ୍ୱାଇଁ, ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗାଘରେ ବିତୁଛି ଜୀବନ



ଫୁଲନଖରା (ପିଏନ୍)-ସରକାରଙ୍କ ତମାମ ଯୋଜନା ସତ୍ତ୍ୱେ ଏବେ ମଧ୍ୟ ଅନେକ ହିତାଧିକାରୀ ଗୃହ ନିର୍ମାଣ ଯୋଜନାର ସୁଫଳ ପାଉନାହାନ୍ତି। ବାରଙ୍ଗ ବ୍ଲକ କୁରାଙ୍ଗପ୍ରଧାନ ପଞ୍ଚାୟତ ଅନ୍ତର୍ଗତ କୋଠାପାଟଣା ମୌଜାର ଦଳିତ ଶ୍ରେଣୀର ପ୍ରତାପ ସାମଲ ଦୀର୍ଘ ବର୍ଷ ହେଲା ଚାଳ ଛପର ଘରେ ରହୁଥିଲାବେଳେ ତାଙ୍କ ପାଇଁ ପକ୍କା ଘର ସାତ ସପନ ହୋଇଛି। ବାସଗୃହ ଖଣ୍ଡେ ପାଇବାକୁ ବହୁ ଲୋକଙ୍କୁ ନେହୁରା ହୋଇ ସେ ନିରାଶ ହୋଇଛନ୍ତି। ଭଙ୍ଗା ଦଦରା କଚ୍ଚା ଘରେ ପ୍ରତାପ ଓ ତାଙ୍କ ପତ୍ନୀଙ୍କ ସହିତ ମା' ଓ ଦୁଇ ପିଲା ରହୁଛନ୍ତି। ଟ୍ରଲି ଚଳାଇ ସେ ଯାହା ରୋଜଗାର କରନ୍ତି, ସେଥିରେ ପରିବାର ଚଳେ; ଭଲ ଘରଟିଏ କରିବାକୁ ସେ ସମ୍ପୂର୍ଣ୍ଣ ଅକ୍ଷମ। ଦାରିଦ୍ର୍ୟ ସୀମାରେଖାର ଅତି ନିମ୍ନରେ ଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି ସରକାରୀ ଘରଟିଏ ମିଳିପାରିନାହିଁ। ସେହିପରି ପାଇଖାନା ଓ ବିଦ୍ୟୁତ ସଂଯୋଗ ନଥିବାରୁ ପ୍ରତାପଙ୍କ ପରିବାର ନାହିଁ ନଥିବା ଅସୁବିଧାରେ କାଳ କାଟୁଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଅଥବା ବିଜୁ ପକ୍କା ଘର ଯୋଜନାରେ ତାଙ୍କୁ ସାମିଲ କରି ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବୟାଳିଶମୌଜା ବିକାଶ ପରିଷଦର ମେଧା ସମ୍ମାନ ଉତ୍ସବ

ବୟାଳିଶମୌଜା (ପିଏନ୍): ବୟାଳିଶମୌଜାର ଅଗ୍ରଣୀ ସାମାଜିକ ସଂଗଠନ ବୟାଳିଶମୌଜା ବିକାଶ ପରିଷଦର ଏକବିଂଶ ମେଧା ଓ ପ୍ରତିଭା ସମ୍ମାନ ଉତ୍ସବ ଝାରକଟା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଆଡଭୋକେଟ କେଶବ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଡି.ପି.ଚୌଧୁରୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଅମ୍ବର କୁମାର କର ଏବଂ ବିଶିଷ୍ଟ ଚଳଚିତ୍ର ଗବେଷକ ସୂର୍ଯ୍ୟ ଦେଓ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରିଷଦର ସମ୍ପାଦକ ସନ୍ତୋଷ କୁମାର ପତି ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ପରିଷଦର ପୂଜ୍ୟପୂଜା ପରମ୍ପରା ଅନୁଯାୟୀ ବୟାଳିଶମୌଜାର ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ବୟାଳିଶମୌଜା ପାଇଁ ଅତୁଳନୀୟ ଅବଦାନ ପ୍ରଦାନ କରିଥିବା ସ୍ୱର୍ଗତଃ ମଧୁସୂଧନ ପତିଙ୍କୁ ମରଣୋତ୍ତର "ବୟାଳିଶମୌଜା ଗୌରବ" ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ସଫଳ ଚାଷୀ ଭାବେ ତ୍ରିଲୋଚନ ଜେନା, ବୃକ୍ଷବନ୍ଧୁ ଭାବେ ଅର୍ଣ୍ଣବ କୁମାର ପତି, ସଫଳ କ୍ରୀଡାବିତ ଭାବେ ଦୀନବନ୍ଧୁ ଦାସ, ଆଦର୍ଶ ଶିକ୍ଷକ ଭାବେ ପିତାମ୍ବର ମହାନ୍ତି, କଳା ସଂସ୍କୃତି ସମ୍ମାନରେ ପ୍ରଦ୍ୟୁମ୍ନ କିଶୋର ଦେବଙ୍କୁ ସମ୍ମାନୀତ କରାଯାଇଥିଲା । ଚଳିତ ବର୍ଷ ପରିଷଦର ଶ୍ରେଷ୍ଠ ସଭ୍ୟ ଭାବେ ଧୀରେନ୍ଦ୍ର ବେହେରାଙ୍କୁ ସମ୍ମାନିତ କରାଯାଇଥିଲା । ବିକାଶ ପରିଷଦର ମୁଖପତ୍ର ଉପଦେଷ୍ଟା ପ୍ରମୋଦ ମହାପାତ୍ରଙ୍କ ସମ୍ପାଦକତ୍ୱରେ "ପଲ୍ଲିଶ୍ରୀ" ପ୍ରକାଶିତ ହୋଇ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଚଳିତ ମାଟ୍ରିକ ପରୀକ୍ଷାରେ ଇଂରାଜୀରେ ସର୍ବାଧିକ ନମ୍ବର ରଖିଥିବା ୩ ଛାତ୍ରଛାତ୍ରୀଙ୍କୁ ଶିକ୍ଷାବିତ୍ ଲୋକନାଥ ବାରିକ ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ ସାହିତ୍ୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଙ୍କୁ ମହନୀ ଦେବୀ ସମ୍ମାନରେ ସମ୍ମାନୀତ କରାଯାଇଥିଲା ଏବଂ ସଂସ୍କୃତରେ ୯ଜଣ ଛାତ୍ରଛାତ୍ରୀଙ୍କୁ କୈଳାସନାଥ ଦୀକ୍ଷିତ ସ୍ମୃତି କମିଟି ତରଫରୁ ସମ୍ମାନୀତ କରାଯାଇଥିଲା। ବୟାଳିଶମୌଜା ବ୍ୟତିରେକ କଟକସଦର ଅଂଚଳର ୧୬ଟି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା । ବୟାଳିଶମୌଜାର ୮୦ ପ୍ରତିଶତ ମାର୍କ ରଖିଥିବା ୯୮ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯିବା ସହିତ +୨ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କରୀନା ମିଶ୍ରଙ୍କୁ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିସହିତ ତୃତୀୟ ଏବଂ ପଂଚମ ଶ୍ରେଣୀ ବୃତି ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ଦିଆଯାଇଥିଲା । ପରିଷଦର ଉପସଭାପତି ଗୌତମ ଚରଣ ପରିଡା, ଉପଦେଷ୍ଟା ଇଂ. ଅଶୋକ ବିଶ୍ୱାଳ, ଅଧାପକ ସେକ କଲ୍ଲିମୁଲ୍ଲା, ଗଣେଶ୍ୱର ଦାଶ, ସୁରେଶ ଚନ୍ଦ୍ର ଦେବତା, ନିକୁଞ୍ଜ ସ୍ୱାଇଁ, ଭଜକୃଷ୍ଣ ଲେଙ୍କା, ପ୍ରମୋଦ ମହାପାତ୍ର, ସାଗର କାନୁନଗୋ, ଅଶୋକ କୁମାର ମହାନ୍ତି, ସୁଜନ ରାଉତ, ଅକ୍ଷୟ ମୁଦୁଲି, ପ୍ରସନ୍ନ ଦଳାଇ, ବିଶ୍ୱଜିତ ପାଣି, ଦିପ୍ତିରଂଜନ ଶତପଥି, ସୁଜିତ କୁମାର ପତି, ସ୍ମୃତିଧର ପତି, ସଞ୍ଜୟ ବେହେରା, ରବିନ୍ଦ୍ର ଦେବତା, ତ୍ରିଲୋଚନ ଦଳାଇ, ବସନ୍ତ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।

# ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ମାସିକ ଆଲୋଚନାଚକ୍ର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍)-ସାହିତ୍ୟରେ ସମାଜକୁ ଦେଖିହୁଏ। ଏହା ଏକ ରୁଚିବନ୍ତ କଳା। କଳ୍ପନାରୁ ଏହାର ଜନ୍ମ, ବାସ୍ତବତାରେ ଏହାର ପ୍ରସାର। ଜ୍ଞାନର ଗନ୍ତାଘର ସାହିତ୍ୟ। ସତ୍ ଓ ଅସତ୍‌ର ବିଚାର ସାହିତ୍ୟରେ ହୋଇଥାଏ। ଜ୍ଞାନର ଦିଗ୍‌ବଳୟ ସାହିତ୍ୟ ପାଠରେ ସମ୍ପ୍ରସାରିତ ହୋଇଥାଏ। ଏହି ଆଭିମୁଖ୍ୟକୁ ନେଇ ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜର ସୃଷ୍ଟି। ସମାଜର ଉତ୍ତର ପିଢୀଙ୍କୁ ନିଜ ମାତୃଭାଷା ତଥା ମା' ମାଟିପ୍ରତି ଅନୁରାଗ ଜାଗରଣ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସମାଜ ଅହରହ ଚେଷ୍ଟା କରିଚାଲିଛି। ପ୍ରତି ମାସର ଶେଷ ରବିବାର ଦିନ ଖୋର୍ଦ୍ଧା ସାହିତ୍ୟ ସମାଜ ତାର ଆଲୋଚନାଚକ୍ର କରିଥାଏ। ସେହିପରି ସ୍ଥାନୀୟ ଗୀତାଭବନ ପରିସରରେ ତା'ର ଆଲୋଚନାଚକ୍ର ଅନୁଷ୍ଠାନର ସଭାପତି ଡକ୍ଟର ସୁରେଶ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ଅନୁଷ୍ଠାନର ଉପ-ସଭାପତି ଶିକ୍ଷାବିତ ପ୍ରଫୁଲ କୁମାର ସାମନ୍ତରାୟ, ଉପଦେଷ୍ଟା ବୈକୁଣ୍ଠନାଥ ରାଜଗୁରୁ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ସମ୍ପାଦକ ଜ୍ଞାନରଂଜନ ଦାସ, ଡକ୍ଟର ନୀଳାଦ୍ରୀନାଥ ଜଗଦେବ, କୋଷାଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ମହାରଣା, କବି ନିଶିକାନ୍ତ କହଲସିଂହ ପ୍ରମୁଖ ଯୋଗଦେଇ ଜିଲ୍ଲା ସ୍ତରରେ କିପରି ସାହିତ୍ୟର ବିକାଶ ହେବାସହ ଉତ୍ତରପିଢୀ ଏଥିପ୍ରତି ଆଗ୍ରହ ପ୍ରକାଶ କରିବା ସହ ଏଥିରେ ବହୁଳ ଭାବରେ ଯୋଗଦେଇ ସାହିତ୍ୟ ତଥା ଜିଲ୍ଲାର ଐତିହ୍ୟ ଓ ପରମ୍ପରାକୁ ବିକଶିତ କରିବେ, ସେଥିପ୍ରତି ବିହିତ ପଦକ୍ଷେପ ନିଆଯିବ। କବି ନିଶିକାନ୍ତଙ୍କ ପରାମର୍ଶାନୁସାରେ ବିଭିନ୍ନ କଲେଜର ସାହିତ୍ୟ ପ୍ରତି ଅନୁରକ୍ତ ଥିବା ପିଲାମାନଙ୍କୁ ସାମିଲ କରାଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲ। ଶେଷରେ ଡକ୍ଟର ନୀଳାଦ୍ରୀନାଥ ଜଗଦେବ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ପ୍ରୟାସ ପକ୍ଷରୁ ବୃକ୍ଷରୋପଣ

ଚଣ୍ଡିଖୋଲ (ପିଏନ)-ଯାଜପୁର ଜିଲ୍ଲାର ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରୟାସ ପକ୍ଷରୁ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଅତିଥିଭାବେ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଯୋଗଦେଇ ନିଜ ହାତରେ ବର ଓ ଅଶ୍ୱତ୍‌ଥ ଗଛ ଲଗାଇଥିଲେ ଓ ପରେ ଅନୁଷ୍ଠାନର ସଭ୍ୟମାନେ ଶତାଧିକ ବର ଅଶ୍ୱତ୍‌ଥ ଗଛ ଲଗାଇଥିଲେ। ଅନୁଷ୍ଠାନର ସଭ୍ୟମାନେ ଗଛକୁ କିପରି ଗୋରୁମାନଙ୍କ ନିକଟରୁ ସୁରକ୍ଷିତରେ ରଖାଯାଇପାରିବ ସେଥିପାଇଁ ସଭ୍ୟମାନେ ଗଛ ଚାରିପଟେ ସୁରକ୍ଷା ବାଡ ଦେଇଥିଲେ। ଆଗକୁ ଏହି ବୃକ୍ଷରୋପଣ କାର୍ଯ୍ୟ ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ଖାଲିସ୍ଥାନ ମାନଙ୍କରେ ଲଗାଯିବା ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି। ଅନୁଷ୍ଠାନର ଏପରି କାର୍ଯ୍ୟକୁ ତହସିଲଦାର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଭାରତଭୂଷଣ ପଣ୍ଡା, ବସନ୍ତ ପଲେଇ, ପ୍ରତାପ ଗୋଛାୟତ, ଭାବାତୋଷ ବିଶ୍ୱାଳ, ମାନସ ରାଉତ ଓ ବିଶ୍ୱରଂଜନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ବାରାହା ଉଜାଡୁଛି ପରିବା ଫସଲ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକର ପରିଛଳ, ଗୋଡା, ଦଲକ, ବାସୁଦେବପୁର, ମଲ୍ଲିପଦର, ବଡବେରଣା ଓ କଂଟାବାଡ ଆଦି ଗ୍ରାମମାନଙ୍କରେ ଚାଷୀ ବିଲରେ ପନିପରିବା ଚାଷ କରି ବେଶ ଦୁଇ ପଇସା ପାଇ ନିଜ ପରିବାରକୁ ଚଳାଇଥାନ୍ତି। ଏହି ପନିପରିବା ଚାଷ ସମୟରେ ଜଙ୍ଗଲୀ ବାରାହା ଖାଦ୍ୟ ଅନ୍ୱେଷଣରେ ଆସି ପରିବା ଫସଲକୁ ନଷ୍ଟ କରୁଥିବାର ଦେଖିବାକୁ ମିଳୁଛି। ଏ ନେଇ କଂଟାବାଡ ଅନ୍ତର୍ଗତ ବାସୁଦେବପୁର ଗ୍ରାମର ପରିବା ଚାଷୀ ପ୍ରଭାତ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ କହିଥିଲେ ଯେ ଏଇ କିଛିଦିନ ହେବ ବାରାହାଙ୍କ ଉତ୍ପାତରେ ଫସଲ ନଷ୍ଟ ହେବାରେ ଲାଗିଛି । ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଇ ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବୀ କରିଛନ୍ତି।

## କେନ୍ଦ୍ରାପଡାରେ ଖୋଲିଲା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ନ୍ୟାୟାଳୟ ପରିସରରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାଜଜ ଗୋପାଳ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଏହି ସ୍ୱତନ୍ତ୍ର ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାରେ ବାଳ ଅପରାଧ ଓ ଶିଶୁ ଯୌନ ନିର୍ଯ୍ୟାତନା ମାମଲା ଗୁଡିକର ତୁରନ୍ତ ଫଇସଲା ପାଇଁ ଏହି ଅଦାଲତ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ସହ ଜିଲ୍ଲାରେ ବାଳ ଅପରାଧକୁ ନିୟନ୍ତ୍ରଣ ଦିଗରେ ଏହା ସହାୟକ ହୋଇପାରିବ ବୋଲି ଜିଲ୍ଲାଜଜ ଶ୍ରୀ ବେହେରା ଏହି ଅବସରରେ କହିଥିଲେ। ଏହି ସ୍ୱତନ୍ତ୍ର ଅଦାଲତର ସ୍ୱତନ୍ତ୍ର ନ୍ୟାୟାଧିକାରୀ ଭାବେ ପ୍ରଣତୀ ପଟ୍ଟନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫାଷ୍ଟଟ୍ରାକ୍ କୋର୍ଟ ଜଜ୍ ତ୍ରୀବିକ୍ରମ କେଶରୀ ଚିନାରା, ପରିବାର ଅଦାଲତ ଜଜ୍ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ସମସ୍ତ ବିଚାର ବିଭାଗୀୟ ଜଜ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଧୃବଚରଣ ଜେନା, ସଂପାଦକ ଜୀତେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ଉପଖଣ୍ଡ ପୋଲିସ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡ଼କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହକୁ ଫିତା କାଟି ଉଦ୍‌ଘାଟନ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟରେ ଥିବା ପୁରୁଣା ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ନିକଟରେ ଅବସ୍ଥିତ ଏହି ନୂତନ ଗୃହ ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ନିଗମ ଦ୍ୱାରା ନିର୍ମାଣ କରାଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣି ବେହେରା, ହରେଶ ପାଣ୍ଡେ, କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସଡିପିଓ ସନ୍ଧ୍ୟାରାଣୀ ବେହୁରା, ଡିଏସପି କାର୍ତ୍ତିକ ମଲ୍ଲିକ, ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ନିକିରାଇ ଥାନା ଅଧିକାରୀ କାଦମ୍ବିନୀ ପରିଡା ପ୍ରମୁଖ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ ।

## କଟକସଦର ବିଜେଡିର ମିଶ୍ରଣ ପର୍ବ

ବୟାଳିଶମୌଜା (ପିଏନ୍): ବୟାଳିଶମୌଜା ସ୍ଥିତ କଳପଡା କଲ୍ୟାଣୀ ମଣ୍ଡପରେ କଟକସଦର ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମାଲକାନଗିରି ବିହନ ନିଗମ ଅଧକ୍ଷ ଇଶ୍ୱର ପାଣିଗ୍ରାହି ଯୋଗଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ କଟକସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ମାଲକାନାଗିରି ଜିଲ୍ଲା ସଭାପତି ରାଜେନ୍ଦ୍ର ପଣ୍ଡା, ମାଲକାନାଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରି ତାଙ୍ଗୁଲୁ ପ୍ରମୁଖ ଯୋଗ ଦେଇଥିଲେ । କଟକସଦର ଅଂଚଳର ପ୍ରାୟ ୩୪୦ଜଣ ବିଜେପି ଏବଂ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ଯୁବ ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସଦର ଅଂଚଳର ବିକାଶଧାରାରେ ଖୁସିବ୍ୟକ୍ତ କରି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବିଭୂତି ଭୂଷଣ ପରିଡା, ସଦର ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, କଟକସଦର ବ୍ଲକ ଉପାଧକ୍ଷ ଅମ୍ବିକା ପାତ୍ର, ବରିଷ୍ଠ ବିଜେଡି କର୍ମୀ ମନୋଜ ନାୟକ, ବିଦ୍ୟାଧର ପାତ୍ର, ଜୀବନ ସାମନ୍ତରାୟ, ରଜନୀ ସାହୁ, ସମର ବେହେରା, ଶରତ ରାୟ, ଯୁବ ସଭାପତି ହିମାଂଶୁ ଦାସ, ଛାତ୍ର ସଭାପତି ସତ୍ୟସିଦ୍ଧାନ୍ତ ଦାସ, ୬ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା ପ୍ରମୁଖ ଉପସ୍ଥିତ ରହି ମିଶ୍ରଣ ପର୍ବକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ଓଡିଶା ବଧିର ସଂଘ ଦ୍ୱାରା ପରିଚାଳିତ ନର୍ସରୀ ବଧିର ବିଦ୍ୟାଳୟରେ ଶିଶୁ ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): ଓଡିଶା ବଧିର ସଂଘ ଦ୍ୱାରା ପରିଚାଳିତ ନର୍ସରୀ ବଧିର ବିଦ୍ୟାଳୟ, ପଳାସପଲ୍ଲୀ, ଭୁବନେଶ୍ୱରଠାରେ ମହା ସାରୋହରେ ଶିଶୁ ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ମମତା ପାଟ୍ଟସାଣୀ ଉପସ୍ଥିତ ରହିଥିଲେ । ଏହି ଅବସରରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଉକ୍ତ ପ୍ରତିଯୋଗିତାରେ ଯେଉଁମାନେ କୃତକାର୍ଯ୍ୟ ହୋଇଥିଲେ ସେମାନଙ୍କୁ ଶ୍ରୀମତି ପାଟ୍ଟସାଣୀ, ବଧିର ସଂଘର ସଂପାଦକ ଶିବନାରାୟଣ ବହିଦାର, ସଂଘର ପ୍ରତିଷ୍ଠାତା ବିଜୟ କୁମାର ପରିଡା, କୋଷାଧ ଜିତେନ୍ଦ୍ର ନନ୍ଦ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶରତ କୁମାର ସାମ'ରାୟ, ଶିକ୍ଷକ ପ୍ରମୋଦ କୁମାର ମହାପାତ୍ର, ଖେଳ ଶିକ୍ଷକ ଶରତ ଚନ୍ଦ୍ର ମଲ୍ଲିକ, ଶିକ୍ଷୟିତ୍ରୀ ଅର୍ଚ୍ଚନା ରାୟ, ଅନୁଶୟା ରାଉତରାୟ, ତପନ ନାୟକ, ରାଜେଶ୍ୱରୀ ମାନିକ୍, ପ୍ରଭାତ କୁମାର ମହାପାତ୍ର ଏବଂ ଅନ୍ୟାନ ଶିକ୍ଷକଶିକ୍ଷୟତ୍ରୀ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଶେଷରେ ମୁଖ୍ୟ ଅତିଥି ଶ୍ରୀମତି ପାଟ୍ଟସାଣୀଙ୍କୁ ସ୍କୁଲ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା ।

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ




## କିମ୍ସରେ କମ୍ପ୍ୟୁଟର ନେଭିଗେସନ ମେରୁଦଣ୍ଡ ଅସ୍ତ୍ରୋପଚାର

ଭୁବନେଶ୍ୱର,(ପି.ଏନ): କିମ୍ସର ସର୍ଜନମାନେ ଓଡ଼ିଶାରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ନେଭିଗେସନ୍ ପ୍ରକ୍ରିୟାରେ ସଫଳ ମେରୁଦଣ୍ଡ ଅସ୍ତ୍ରୋପଚାର କରିଛନ୍ତି। କିମ୍ସ ସୁପର ସ୍ପେଶାଲିଟି ହସ୍ପିଟାଲର ବିଶେଷଜ୍ଞ ତଥା ଅସ୍ଥିଶଲ୍ୟ ଓ ମେରୁଦଣ୍ଡ ଶଲ୍ୟ ଚିକିତ୍ସକ ଡା. ଜିତେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଛି। କମ୍ପ୍ୟୁଟର ନେଭିଗେସନ୍ ସହାୟତାରେ ମେରୁଦଣ୍ଡ ନିର୍ଭୁଲ ଅସ୍ତ୍ରୋପଚାର ସହ ସମୟ ପରିଚାଳନା ଓ ରୋଗୀଙ୍କ ପାଇଁ କମ୍ କଷ୍ଟ ଦାୟକ ହୋଇଥାଏ। ସାଧାରଣତଃ ମେରୁଦଣ୍ଡ ଅସ୍ତ୍ରୋପଚାରରେ ଡାକ୍ତରମାନେ ମେରୁଦଣ୍ଡକୁ ଠିକ୍ କରିବା ପାଇଁ ଅନେକ ପେଡ଼ିକଲ ସ୍କ୍ରୁ ବ୍ୟବହାର କରିଥାନ୍ତି। ଏହାକୁ ମାନୁଆଲ ଭାବେ କରାଗଲେ ଏହା ରୋଗୀ ପକ୍ଷେ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିବା ସହ ମୃତ୍ୟୁର କାରଣ ମଧ୍ୟ ହୋଇପାରେ। ମାନୁଆଲ ପ୍ରକ୍ରିୟାରେ ପେଡିକଲ ସ୍କ୍ରୁ ବ୍ୟବହାର କରାଗଲେ ୧୬ ପ୍ରତିଶତ ତ୍ରୁଟି ହୋଇପାରେ, କିନ୍ତୁ କମ୍ପ୍ୟୁଟର ନେଭିଗେସନ୍ ସାହାଯ୍ୟରେ ଏହି ଅସ୍ତ୍ରୋପଚାରକୁ ପ୍ରାୟ ତ୍ରୁଟିଶୂନ୍ୟ ଭାବେ କରାଯାଇଥାଏ ବୋଲି ଡା. ରାଉତ



ସୂଚନା ଦେଇଛନ୍ତି। କାରଣ ଅସ୍ତ୍ରୋପଚାର ସମୟରେ କୌଣସି ଜଟିଳତା ଏଡ଼ାଇବା ପାଇଁ ଡାକ୍ତର କମ୍ପ୍ୟୁଟର ସ୍କ୍ରିନରେ ସ୍କ୍ରୁର ଗତିବିଧି ଉପରେ ନଜର ରଖିପାରନ୍ତି ବୋଲି ଡା. ରାଉତ କହିଛନ୍ତି।ସେହିପରି କିମ୍ସ ସୁପର ସ୍ପେଶାଲିଟି ଆଣ୍ଡ କ୍ୟାନସର ସେଣ୍ଟରର ଫେସିଲିଟି ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଅନ୍ୟ ପ୍ରକ୍ରିୟା ତୁଳନାରେ କମ୍ପ୍ୟୁଟର ନେଭିଗେସନ୍ ମେରୁଦଣ୍ଡ ଅସ୍ତ୍ରୋପଚାର ଅଧିକ ଫଳପ୍ରଦ ଏବଂ ଏହାକୁ ଏକାଧିକ ଅସ୍ତ୍ରୋପଚାର ପ୍ରକ୍ରିୟାରେ ସଫଳ ଭାବେ ବ୍ୟବହାର କରାଯାଇପାରିବ। ଓଡ଼ିଶାରେ ପ୍ରଥମ ଥର ପାଇଁ କମ୍ପ୍ୟୁଟର ନେଭିଗେସନ୍ ମେରୁଦଣ୍ଡ ଅସ୍ତ୍ରୋପଚାର ନିମନ୍ତେ ମାର୍ଗଦର୍ଶନ ପାଇଁ ଡାକ୍ତର ରାଉତ ଭାରତର ବିଶିଷ୍ଟ ମେରୁଦଣ୍ଡ ସର୍ଜନ ତଥା କିମ୍ସ ସୁପର ସ୍ପେଶାଲିଟି ହସ୍ପିଟାଲର ଡା. ଶଙ୍କର ଆଚାର୍ଯ୍ୟଙ୍କ ବିଷୟରେ ଉଲ୍ଲେଖ କରିଥିଲେ। ଏଭଳି ସଫଳ ଓ ଅତ୍ୟାଧୁନିକ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଦେଇଛନ୍ତି।

## ସୁନା ଚେନ ଲୁଟ ଅଭିଯୋଗରେ ୩ମହିଳା ଗିରଫ

ପୁରୀ,(ପି.ଏନ):ସିଂହଦ୍ୱାର ଥାନା ଅଧୀନ ଶ୍ରୀମନ୍ଦିର ଭିତରେ ମହିଳା ଶ୍ରଦ୍ଧାଳୁଙ୍କ ନିକଟରୁ ସୁନା ଚେନ ଲୁଟିବା ଅଭିଯୋଗରେ ପୁଲିସ ୩ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗକାରୀ ମହିଳା ଜଣକ ହେଲେ ଗଞ୍ଜାମ ଅଚଂଳର ସଂଯୁକ୍ତା ଗୌଡ ହୋଇଥିବା ବେଳେ,ଲୁଟେରା ମହିଳା ୩ଜଣ ହେଲେ ଲକ୍ଷ୍ମୀ ରାଓ,ଜ୍ୟୋତି ରାଓ ଏବଂ ଏ ବିଜୟା ବୋଲି ସୂଚନା ମିଳିଛି। ସୂଚନା ମୁତାବକ,ଅଭିଯୋଗକାରୀ ମହିଳା ଜଣକ ପରିବାର ସହ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ପୁରୀ ଆସିଥିଲେ।

## ପିଆଇସିଟି ରେ ବଢୁଛି ଶ୍ରମିକ ଅଶାନ୍ତି : ୧୦ ଦଫା ଦାବୀ ନେଇ ଶ୍ରମିକ ସଂଘର ଧର୍ମଘଟ ଡାକରା

ପାରାଦୀପ,(ପି.ଏନ):ପାରାଦୀପ ଇଣ୍ଟରନ୍ୟାସନାଲ କାର୍ଗ ଟର୍ମୀନାଲ (ପିଆଇସିଟି) ରେ ଶ୍ରମିକ ଅଶାନ୍ତି ବୃଦ୍ଧି ପାଇବାରେ ଲାଗିଛି । ନିକଟରେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଲାଗି ପ୍ରତିବାଦ କରିଥିବା ବେଳେ ଏବେ ପିଆଇସିଟି କମ୍ପାନୀରେ କାର୍ଯ୍ୟ କରୁଥିବା କାର୍ଗ ହ୍ୟାଣ୍ଡଲିଙ୍ଗ ଶ୍ରମିକଙ୍କ ୧୦ ଦଫା ଦାବୀ ନେଇ ପାରାଦୀପ ପୋର୍ଟ କର୍ମଚାରୀ ୟୁନିୟନ ଆସନ୍ତା ୨୨ ତାରିଖ ଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧର୍ମଘଟ ଡାକରା ଦେଇଛି । ଏ ସମ୍ପର୍କରେ ପାରାଦୀପ ବନ୍ଦର କତୃପକ୍ଷ, ଜିଲ୍ଲା ପ୍ରଶାସନ ଓ କେନ୍ଦ୍ର ଶ୍ରମ ବିଭାଗକୁ ଅବଗତ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ୟୁନିୟନର ସାଧାରଣ ସମ୍ପାଦକ ରତ୍ନାକର ସ୍ୱାଇଁ । ତେବେ ଏହି ଦାବୀ ମଧ୍ୟରେ ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ସ୍ଥାୟୀ କାର୍ଗ ହ୍ୟାଣ୍ଡଲିଙ୍ଗ କର୍ମଚାରୀ ଙ୍କ ପରି ସମାନ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀ ଙ୍କୁ ସମାନ ପରିମାଣର ବେତନ ପ୍ରଦାନ, ବେତନର ୧୦ ପ୍ରତିଶତ ଘର ଭଡା ପ୍ରଦାନ, ୨୦୨୧ ମସିହାରୁ ମହଙ୍ଗା ଭତ୍ତା ପ୍ରଦାନ ଇତ୍ୟାଦି ଅନ୍ତର୍ଭୁକ୍ତ । ତେବେ ମେସର୍ସ ଜେ.ଏମ. ବକ୍ସି କମ୍ପାନୀ ପାରାଦୀପ ବନ୍ଦରରେ ଷ୍ଟିଭେଡୋର ଭାବେ ଏହି ଶ୍ରମିକ ମାନଙ୍କୁ ବର୍ଷ ବର୍ଷ ଧରି ପାରାଦୀପ ର କାର୍ଗ ? ହ୍ୟାଣ୍ଡଲିଙ୍ଗ କାର୍ଯ୍ୟରେ ନିୟୋଜିତ କରିଆସୁଥିବା ବେଳେ ପରବର୍ତ୍ତୀ ସମୟରେ ନିଜର ଷ୍ଟିଭେଡୋରିଙ୍ଗ ଲାଇସେନ୍ସ କୁ ଆଉ ନବୀକରଣ ନକରି ପିଆଇସିଟି କମ୍ପାନୀ ପାରାଦୀପ ବନ୍ଦର ସହ ଏକ ଭିନ୍ନ ଚୁକ୍ତି ପୂର୍ବକ କେତେକ ଉପଠିକାଦାରଙ୍କ ମାଧ୍ୟମରେ ଏହି ଶ୍ରମିକ ମାନଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ କରିଛି ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ କ୍ଷ ତେବେ ଆସନ୍ତା ୨୭ ତାରିଖରେ ମହାମହିମ ରାଷ୍ଟ୍ରପତି ପାରାଦୀପ ବନ୍ଦରର ବୋଇତ ବନ୍ଦାଣ ଉତ୍ସବ ରେ ଯୋଗ ଦେବାର କାର୍ଯ୍ୟକ୍ରମ ଥିବାରୁ ଏହି ଧର୍ମଘଟ ଯଦି ସେ ପର୍ଯ୍ୟନ୍ତ ଚାଲୁ ରହେ, ତେବେ ଏଠାରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ,(ପି.ଏନ): ପୁରୀ ଜିଲ୍ଲା ରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ଚଳିତ ମାସ ତୃତୀୟ ସପ୍ତାହ ରେ ଆରମ୍ଭ ହେବ ।ତେଣୁ ବିଭିନ୍ନ ବିଭାଗ ବିଭିନ୍ନ ଫ୍ଲାଗ ସିପ କାର୍ଯ୍ୟକ୍ରମ ର ସଫଳତା ସମ୍ପର୍କରେ ଲୋକ ମାନଙ୍କୁ ଅବଗତ ଓ ସଚେତନ କରାଇବାକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଛନ୍ତି ।ଆଜି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଓ ସଚେତନ କରିବା ଉଦ୍ଦେଶ୍ୟ ରେ ଆଜି ଠାରୁ ରାଜ୍ୟର କେତେକ ଜିଲ୍ଲାରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ଶୁଭାରମ୍ଭ ସହ ସଚେତନତା ରଥ ପରିକ୍ରମା କରୁଛି ।ପୁରୀ ଜିଲ୍ଲା ରେ ଏହି ସଂକଳ୍ପ ଯାତ୍ରା କୁ ଯେପରି ସଫଳ ଭାବେ ପରିଚାଳନା କରାଯିବ ସେଥିପାଇଁ ସମସ୍ତ ବିଭାଗୀୟ ଅଧିକାରୀ ଉଦ୍ୟମ କରି ବାକୁ ସେ କହିଥିଲେ ।ଅପରପକ୍ଷରେ କେନ୍ଦ୍ର ସରକାର ଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ର ତଦାରଖ ଲାଗି ଜିଲ୍ଲା ପାଇଁ ଯୁଗ୍ମ ସଚିବ ରାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।ତେଣୁ ଏହି କାର୍ଯ୍ୟକ୍ରମ କୁ ସଫଳ କରିବାକୁ ପ୍ରତ୍ୟେକ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି କାର୍ଯ୍ୟକ୍ରମ ପଞ୍ଚାୟତ,ବ୍ଲକ ଓ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଜନ ସଚେତନତା ସୃଷ୍ଟି କରିବ ବୋଲି କହିଥିଲେ ।ସଚେତନତା ରଥ ପ୍ରାୟ ୬୦ ଦିନ ଧରି ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବ ବୋଲି କହିଥିଲେ ।ଅତି ଶୀଘ୍ର ଜିଲ୍ଲାପାଳ ଙ୍କ ଅଧକ୍ଷତାରେ ଚୁଡାନ୍ତ ବୈଠକ ଆୟୋଜନ କରାଯାଇ କାର୍ଯ୍ୟକ୍ରମ ଓ ରୁଟ ପ୍ଲାନ ଚୁଡାନ୍ତ କରାଯିବ ବୋଲି ସେ ସୂଚନାଯୋଗ୍ୟ ଦେଇଥିଲେ ।ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି, ଡ୍ରୁଡା ର ପ୍ରକଳ୍ପ ନିର୍ଦ୍ଦେଶକ ଅକ୍ଷୟ କୁମାର ମହାନ୍ତି,ପୁରୀ ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ପ୍ରକଳ୍ପ ପରିଚାଳକ ତୃପ୍ତି ରାଣୀ ବଡ଼ଜେନା, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ବିଭାଗର ଜିଲ୍ଲା ଅଧିକାରୀ ବିଶ୍ୱନାଥ ପଣ୍ଡା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ।

## କୁକୁଡାଖଣ୍ଡିରେ କାଳୀ ପୂଜା ଧୁମ୍ ଧାମରେ ପାଳନ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ) :କୁକୁଡାଖଣ୍ଡି ରେ କାଳୀ ପୂଜା ଧୁମ ଧାମ ରେ ପାଳିତ ହୋଇଯାଇଛି । ଏହି ପୂଜା ଆଲୋକ ର ପର୍ବ ପବିତ୍ର ଦୀପାବଳି ରାତ୍ର ଠାରୁ ଆରମ୍ଭ ହୁଏ । ନିଶା ରାତ୍ରରେ ମା ଙ୍କୁ ଆବାହନ କରାଯାଏ । ଗାଁ ର ସ୍ତ୍ରୀ ଲୋକମନେ ସୁଧ ବସ୍ତ୍ର ପରିଧାନ କରି କଳସ ଯାତ୍ରା ରେ ବାଦ୍ୟ ସଂକୀର୍ତନ ମାଧ୍ୟମ ରେ ମୁକ୍ତେଶ୍ୱର ମନ୍ଦିର ପୁଷ୍କରିଣୀ ରୁ ନିର୍ମଳ ଜଳ ନେଇଆସିବା ସାଙ୍ଗକୁ ପୂଜା ସମାପ୍ତ ହେବା ଯାଏ ସେମାନେ ଉପବାସ ରହିବା ସାଙ୍ଗକୁ ସମସ୍ତ ରୀତିନୀତି ମାନି ଚଳନ୍ତି । ଦୀପାବଳି ଠାରୁ ତିନି ଦିନ ଧରି ଏହି ପୂଜା ଚାଲେ । ଆଲୋକରେ ସୁସଜିତ ମେଢ଼ ଦେଖିବା ପାଇଁ ବହୁତ ଭକ୍ତ ସମାଗମ ହୁଅନ୍ତି । ମା ଙ୍କୁ ଅର୍ଣ୍ଣ ଭୋଗ ପଣା ଭୋଗ ଫଳ ଭୋଗ ପୂଜା କରାଯାଏ । ଆଜକୁ ନଅ ବର୍ଷ ହେବ ଏହି ପୂଜା ହୋଇ ଆସୁଅଛି । ପଣ୍ଡିତ ବିଭୁ ନନ୍ଦନ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟକ୍ରମ



ପରିଚାଳନା ହେବା ସାଙ୍ଗକୁ ମାଟିର ମୂର୍ତ୍ତିକାର ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ମୂର୍ତ୍ତି ତିଆରି କରାଯାଇଛି । ପୂଜା ର କର୍ତ୍ତା ଭାବେ ସୁରେନ୍ଦ୍ର ସାହୁ ରହି ଆସୁଛନ୍ତି। କୁକୁଡାଖଣ୍ଡି ବଜାର ର ଏହା ଏକ ଭାଇଚାରାର ପର୍ବ । ସନ୍ଧ୍ୟା ଆଳତି ବେଳେ ବହୁତ ଭକ୍ତ ସମାଗମ ହୁଅନ୍ତି । ଏହି ପୂଜା ବଜାର କମିଟି ର ସଭାପତି ଚିତ୍ତ ରଞ୍ଜନ ସାହୁ, ଉପ ସଭାପତି ଇ. ଦିବାକର ପାଣିଗ୍ରାହୀ, କୋଷାଧକ୍ଷ ସୁରେନ୍ଦ୍ର ସାହୁ ସାଧାରଣ ସମ୍ପାଦକ କେ. ମଣିବାବୁ, ସହ ସମ୍ପାଦକ ପି. ଶିବାନନ୍ଦ କମିଟି ସଦସ୍ୟ ଭୀମ ସେନ ଦଳେଇ, ଶିବ ନାରାୟଣ ପାତ୍ର, ସଞ୍ଜୟ କୁମାର ପ୍ରଧାନ, କୃଷ୍ଣ ଚନ୍ଦ୍ର ପଣ୍ଡା, ଏମ. ରାଜା ରାଓ, କେ. ଆକାଶ, ସୁଶାନ୍ତ ସାହୁ, କେ. ଅବିନାଶ, ସୁଶାନ୍ତ ସାହୁ, ରାଜା ମହାନ୍ତି, ଏସ. ନାରାୟଣ, କାଲୁ ସେଠି, ସୁବ୍ରାଂଶୁ କୋଠିଆ, ବାଲାଜୀ ମହାନ୍ତି ପ୍ରମୁଖ ଏହି ପୂଜାରେ ସହଯୋଗ କରି ଆସୁଛନ୍ତି।

## ଭବାନୀପାଟଣାରେ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ : ଆଠ ହଜାର ଶିଶୁ ଶିଳ୍ପୀ ସାମିଲ

ଭୁବନେଶ୍ୱର,(ପି.ଏନ): ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ କଳାହାଣ୍ଡି ଆର୍ଟ ଫାଉଣ୍ଡେସନର ମିଳିତ ଆନୁକୁଲ୍ୟରେ ଭବାନୀପାଟଣା ଠାରେ ଏକ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଯାଇଛି ।ଏହି ପ୍ରଦର୍ଶନୀରେ ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ଆଠ ହଜାର ଶିଶୁଶିଳ୍ପୀ ସାମିଲ୍ ହୋଇଥିବା ବେଳେ ସେମାନଙ୍କ ଚିତ୍ର ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ ଓଡ଼ିଶା ଲଳିତ କଳା ଏକାଡେମୀର ସଚିବ ତଥା ଚିତ୍ରଶିଳ୍ପୀ ପଞ୍ଚାନନ ସାମଲ ।ମୁଖ୍ୟ ଅତିଥି ଆୟୋଜିତ ପ୍ରଦର୍ଶନୀରେ ଓଡିଶା ସମେତ ଭାରତର ବିଭିନ୍ନ ରାଜ୍ୟରୁ ଆସିଥିବା ଶିଶୁ ଶିଳ୍ପୀ ମାନଙ୍କ ଚିତ୍ରକଳା ତଥା ଅନୁଷ୍ଠାନର କର୍ମକର୍ତ୍ତା ମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଚିତ୍ରଶିଳ୍ପୀ ପୃଥ୍ୱୀରାଜ ସିଂଦେଓ ଓ ମଧୁସୂଦନ ମହାରଣା ଯୋଗଦାନ କରିଥିଲେ। କଳାହାଣ୍ଡିର ବରିଷ୍ଠ ଚିତ୍ରଶିଳ୍ପୀ ଅକ୍ଷୟ କୁମାର ପଟ୍ଟନାୟକ ଆୟୋଜକ ମାନଙ୍କ ୨୯ ବର୍ଷର ନିଷ୍ଠାକୁ ସାଧୁବାଦ୍ ଜଣାଇଥିଲେ ।ଅତିଥି ମାନଙ୍କ ସହ ମହାବୀର ସାଂସ୍କୃତିକ ଅନୁଷ୍ଠାନ ର ସଭାପତି ଶାନ୍ତନୁ କୁମାର ବେହେରା, ସମ୍ପାଦକ ସତ୍ୟ ନାରାୟଣ ସିଂହ,କଳାହାଣ୍ଡି ଆର୍ଟ ଫାଉଣ୍ଡେସନର ମୁକୁନ୍ଦ ରେଡ୍ଡୀ, ଗୋବିନ୍ଦ ରେଡ୍ଡୀ ଓ ବିଜନ ରେଡ୍ଡୀ ଉପସ୍ଥିତ ରହି କୃତୀ ଶିଶୁ ଶିଳ୍ପୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ଶିଶୁ ଶିଳ୍ପୀ ମାନଙ୍କ ଚିତ୍ରଗୁଡ଼ିକ ଅତିଥି ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ।ଏହି ପ୍ରଦର୍ଶନୀ ନଭେମ୍ବର ୧୨ ରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି।

## ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ, ଯୁବପିଢିଙ୍କ ପାଇଁ ପ୍ରେରଣା ବିର୍ସା ମୁଣ୍ଡା

ଭୁବନେଶ୍ୱର,(ପି.ଏନ): ଜନଜାତି କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିକୁ ପରିଚୟ ଦେବା ପାଇଁ ସର୍ବଭାରତୀୟସ୍ତରରେ ଜନଜାତୀୟ ଗୌରବ ଦିବସ ପାଳନ କରାଯାଉଛି । ମହାନ ବିପ୍ଳବୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଗୌରବ ଦିବସ ରୂପେ ପାଳନ କରିବା କେବଳ ରାଜ୍ୟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଗର୍ବର ବିଷୟ ବୋଲି ମତ ବ୍ୟକ୍ତ କରିଛନ୍ତି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ସାରକା । ଏ ଅବସରରେ ଆଜି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନ ରେ ଜନଜାତୀୟ ଗୌରବ ଦିବସ ସମାରୋହ ଆୟୋଜନ କରାଯାଇଛି । ମନ୍ତ୍ରୀ ଶ୍ରୀ ସାରକା କହିଛନ୍ତି, ଜନଜାତିଙ୍କୁ ସମ୍ମାନ, ସେମାନଙ୍କ ଗୌରବ ଓ ସଂସ୍କୃତିକୁ ସୁରକ୍ଷା ଦେବା ପାଇଁ ରାଜ୍ୟ ସରକାର ସର୍ବଦା ଚେଷ୍ଟିତ । ୫-ଟି ଉପକ୍ରମରେ ଜନଜାତି ବିଦ୍ୟାଳୟ ଗୁଡିକର ପରିବର୍ତ୍ତନ ଫଳରେ ଅନେକ ଆଦିବାସୀ ଛାତ୍ରଛାତ୍ରୀ ପାଠ ପଢି ମୁଖ୍ୟସ୍ରୋତରେ ସାମିଲ୍ ହୋଇପାରିଛନ୍ତି । ବିର୍ସା ମୁଣ୍ଡା ଆମ ଯୁବ ସମାଜ ପାଇଁ ପ୍ରେରଣା । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସେବା କରିବାକୁ ସେ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବଶ୍ରୀମତୀ ରୂପା ରୋଶନ ସାହୁ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ସଫଳ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଛନ୍ତି, ଅନ୍ତର୍ଜାତୀୟ ସ୍ତରରେ ଜନଜାତିଙ୍କ କଳା ଓ ସଂସ୍କୃତିକୁ ପରିଚୟ ପ୍ରଦାନ କରିବା ପାଇଁ ଦେଶରେ ପ୍ରଥମ ରାଜ୍ୟ ଭାବେ ଓଡିଶା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଗଠନ କରିଛନ୍ତି । ସବୁ ଜନଜାତି ବର୍ଗର ପ୍ରତିନିଧି ମାନେ ଏହି ପରିଷଦର ସଦସ୍ୟ ଅଛନ୍ତି । ଶିକ୍ଷା, ଜୀବିକା, ସଂସ୍କୃତି ହେଉଛି ଜନଜାତିଙ୍କ ବିକାଶର ମୂଳମନ୍ତ୍ର । ଶିକ୍ଷାରେ ସଂସ୍କୃତିକୁ ସାମିଲ୍ କରିବା ପାଇଁ ୪୨୨ ଟି ଆଦିବାସୀ ବିଦ୍ୟାଳୟରେ ସ୍ୱତନ୍ତ୍ର ଭାବେ ଜନଜାତି ସଂସ୍କୃତି ପାଇଁ ସ୍ଥାନ ରହିବ । ଆଦିବାସୀ ପରିଧାନଠାରୁ ଆରମ୍ଭ କରି କଳାକୃତିକୁ ଛାତ୍ରଛାତ୍ରୀମାନେ ଦେଖିବାକୁ ପାଇବେ । କାର୍ଯ୍ୟକ୍ରମର ମୁଖ୍ୟବକ୍ତା ପ୍ରଫେସର ଶ୍ରୀ ନିହାର ରଞ୍ଜନ ପଟ୍ଟନାୟକ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରିବା ସହ ଉପସ୍ଥିତ ଶ୍ରୋତା ଓ ଛାତ୍ରଛାତ୍ରୀଙ୍କୁ ବିର୍ସା ମୁଣ୍ଡାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । ଏହି ଅବସରରେ ଓରାଓଁ, ପରଜା ଓ ସାନ୍ତାଳ ଜନଜାତିଙ୍କ ନୃତ୍ୟ ପରିବେଷଣ କରାଯାଇଥିବା ବେଳେ ସ୍ୱତନ୍ତ୍ର ଭାବେ ଗଣ୍ଡୋ ଓ ପରଜା ସମ୍ପ୍ରଦାୟର ଦୁଇଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଆଗାମୀ ୨୬ ତାରିଖ ଯାଏଁ ଜନଜାତୀୟ ଗୌରବ ଦିବସ ପାଳନ କରାଯିବ । ଜନଜାତି ଚିତ୍ରାଙ୍କନ ପ୍ରତିଯୋଗିତା, କଳା ଓ କଳାବସ୍ତୁ ପ୍ରଦର୍ଶନ, ଜନଜାତି ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ, ରାଜ୍ୟସ୍ତରୀୟ ଜନଜାତି କବି ସମ୍ମିଳନୀର ଆୟୋଜନ କରାଯିବ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣୀ ତ୍ରିପାଠୀ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅନୁସୂଚିତ ଜାତି ନିର୍ଦ୍ଦେଶକ ଶ୍ରୀ ଲକ୍ଷ୍ମଣ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟପକ୍ଷେଏସସିଏସଟିଆରଟିଆଇର ସ୍ୱତନ୍ତ୍ର ଅଧିକାରୀ ଶ୍ରୀ ସମରେନ୍ଦ୍ର ଭୂତିଆ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray